## ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ନାଗରିକ କମିଟି ଫେରାଦ୍



ବଲାଙ୍ଗିର,୧୫।୬(ସମିସ): ବଲାଙ୍ଗିର ସର୍କିଟ ହାଉସ୍‌ରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ନାଗରିକ କମିଟି ସାକ୍ଷାତ କରିଛି। ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ୩୦ ଦିନ ମଧ୍ୟରେ ୩୦ ଜଣରୁ ଅଧିକ ଲୋକଙ୍କ ହୃଦ୍‌ରୋଗରେ ମୃତ୍ୟୁ ଘଟିଛି। ଭୀମ ଭୋଇ ମେଡିକାଲ କଲେଜରେ ହୃଦ୍‌ରୋଗ ବିଶେଷଜ୍ଞ ବା ପ୍ରଫେସର ନାହାନ୍ତି। ତେଣୁ ହୃଦ୍‌ରୋଗ ବିଭାଗରେ ପିଜି କୋର୍ସ ଖୋଲି ପ୍ରଫେସର ନିଯୁକ୍ତି କରାଯାଉ। ସେତେଦିନ ପର୍ଯ୍ୟନ୍ତ ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦୃଢ ଦାବି ଉପସ୍ଥାପନ କରାଯାଇଛି। ସେହିଭଳି ପ୍ରଚଣ୍ଡ ଖରାରେ ଲୋକ ଡହଳ ବିକଳ ହେଉଛନ୍ତି; ହେଲେ ସହର ତଥା ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କଥା ନ କହିଲେ ଭଲ। ସହରାଞ୍ଚଳ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମାଞ୍ଚଳ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଅନୁରୋଧ କରାଯାଇଛି; ହେଲେ କିଛି ଫଳ ହୋଇ ନ ଥିବା ମନ୍ତ୍ରୀଙ୍କ ନଜରକୁ ଆସିଥିଲା। ୨ ଦିନ ଭିତରେ ଏହାର ସମାଧାନ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ଆଦେଶ ଦେଇଛନ୍ତି। ପୁନଶ୍ଚ ଲୋୟର ସୁକତେଲ ପ୍ରକଳ୍ପରୁ ଚଳିତ ବର୍ଷରୁ କିପରି ଜଳ ସେଚନ ହୋଇପାରିବ ଏବଂ ସହରକୁ ପାନୀୟ ଜଳ ଯୋଗାଣ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପ୍ରତିନିଧି ଦଳରେ ପ୍ରଫୁଲ୍ଲ ମିଶ୍ର, ଲୋକନାଥ ସିଂହ, ହରେକୃଷ୍ଣ ରାଉତ ସାମିଲ ହୋଇଥିଲେ। ଜିଲ୍ଲାରେ ଏକ ନିଶାମୁକ୍ତ କେନ୍ଦ୍ର ଏବଂ ବୃଦ୍ଧାଶ୍ରମ ଚଳାଇବା ପାଇଁ ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ପ୍ରଭାକର ମିଶ୍ର, ପଦ୍ମଚରଣ ଆଚାର୍ଯ୍ୟ, ହରେକୃଷ୍ଣ ମେହେର ଅନୁରୋଧ ରଖିଥିଲେ। ମନ୍ତ୍ରୀଙ୍କ ସହ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଦଳୀୟ ନେତା ଗୋପାଳଜୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରଙ୍କ ୨ ବର୍ଷର ସଫଳତା ବଖାଣିଲେ ମନ୍ତ୍ରୀ

# ସୁଫଳ ପାଇଛନ୍ତି ସବୁବର୍ଗର ଲୋକ

ବଲାଙ୍ଗିର,୧୫।୬(ସମିସ)

ରାଜ୍ୟରେ ବିଜେପି ସରକାର ଗଢିବାର ଦୁଇ ବର୍ଷ ପୂରଣ କରିଛି। ଏହି ଦୁଇ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ସଫଳ କାର୍ଯ୍ୟକ୍ରମ ବିଷୟରେ ମନ୍ତ୍ରୀମାନେ ଜିଲ୍ଲା ଜିଲ୍ଲା ବୁଲି ବଖାଣୁଛନ୍ତି। ସୋମବାର ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ବଲାଙ୍ଗିର ଗସ୍ତରେ ଆସି ଡିଏଫଓଙ୍କ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ଗତ ଦୁଇ ବର୍ଷ ଭିତରେ ରାଜ୍ୟରେ ନିଯୁକ୍ତି, ଗ୍ରାମ୍ୟ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର ଭାବେ ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟା ରୋକିବା ପାଇଁ ଦୃଷ୍ଟି ଦିଆଯାଇଥିବା ସେ କହିଥିଲେ। ଦୁଇ ବର୍ଷ ଭିତରେ ଦାଦନ ଶ୍ରମିକଙ୍କ ସଂଖ୍ୟା କିଭଳି କମ୍ କରାଯିବ, ଶ୍ରମିକଙ୍କୁ ଗାଁରେ ହିଁ ଭିବିଜି ରାମ ଜୀ ଯୋଜନାରେ ନିୟୋଜିତ କରି କର୍ମସଂସ୍ଥାନର ବ୍ୟବସ୍ଥା କରାଯିବ ସେନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଥିଲେ। ସେହିପରି ଜିଲ୍ଲାର ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ନିଯୁକ୍ତି ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି। କ୍ରୀଡା ଭିତ୍ତିଭୂମିକୁ ମଧ୍ୟ ସୁଦୃଢ କରିବା ପାଇଁ ସରକାର ପଦକ୍ଷେପ ନିଆଯାଇଥିବା କହିଥିଲେ। ସାମଗ୍ରୀକ ଭାବେ ସବୁ ବର୍ଗର ଲୋକଙ୍କ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ଚାଉଳ ପ୍ରଦାନ କରାଯାଉଥିବା ସେ କହିଥିଲେ। ବିଶେଷ କରି ବଲାଙ୍ଗିର



ଜିଲ୍ଲାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଦାଦନ ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଥିବା କହିଥିଲେ।

**● ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ଏଡେଇଗଲେ**

**● ଜଳଯୋଗାଣ, ଜଳସେଚନ, ଚାଷୀ ସମସ୍ୟାର ଉତ୍ତର ରଖିପାରିଲେନି**

ତେବେ ଶ୍ରୀ ନାଏକ ପ୍ରଥମ କରି ଜିଲ୍ଲା ନୋଡାଲ ମନ୍ତ୍ରୀ ଭାବେ ଗସ୍ତରେ ଆସିଥିଲେ। ଦାଦନ ରୋକିବା ପାଇଁ ଏକ ବିଡି କାରଖାନା ପ୍ରତିଷ୍ଠା କରିବା ପାଇଁ ପୂର୍ବରୁ ସେ କହିଥଲେ। ଏନେଇ ତାଙ୍କୁ ପଚାରିବାରୁ ଚିରାଚରିତ ଭାବେ ଆଲୋଚନା ଚାଲିଥିବା କହିଥିଲେ। ସେହିପରି ଜିଲ୍ଲାରେ ସତରେ ଦାଦନ କମିଛି ନା ନାହିଁ, ଦାଦନ ନିର୍ଯାତନା ଓ ଦୁଃଖର ଅନେକ ବିଷୟ ସାମ୍ନାକୁ ଆସିଥିବା ସେ ସ୍ୱୀକାର କରିଥିଲେ।

ଏହା ସରକାରଙ୍କ ବିଫଳତା ନା ଅସହାୟତା ବୋଲି ପ୍ରଶ୍ନ କରିବାରୁ ସେ ଏଡାଇ ଯାଇଥିଲେ। ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ନାଏକ ସରକାରଙ୍କ ସଫଳତାର ଗୋଲାପୀ ଚିତ୍ର ଦେଖାଇଥିଲେ। ଜିଲ୍ଲାରେ ରହିଥିବା ପାନୀୟ ଜଳ ସମସ୍ୟା, ଜଳସେଚନ ସମସ୍ୟା ଓ ଚାଷୀଙ୍କ ସମସ୍ୟା ବିଷୟରେ କିନ୍ତୁ ସନ୍ତୋଷଜନକ ଉତ୍ତର ଦେଇ ପାରି ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ଜିଲ୍ଲାପାଳ ଗୌଓ ଶିବାଜୀ ଇସାଲଓ୍ବର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଏସଡିସି ଅଧ୍ୟକ୍ଷ ବଲ୍ଲଭ ଧରୁଆ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତରଣୀ ସୁନା, ସିଡିଏମଓ ଡା. ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଶୋଇପଡିଲେ ଲୋଇସିଂହା ବିଡିଓ

ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟରଣ ନାଏକଙ୍କ ଏହି ସାମ୍ବାଦିକ ସମ୍ମିଳନୀର ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରର ଅଧିକାରୀ ଓ ବିଡିଓମାନେ ପ୍ରମୁଖ ଉପସ୍ଥିତ ଥିଲେ। ୨ ବର୍ଷରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସଫଳତା



ନେଇ ମନ୍ତ୍ରୀ ସୂଚନା ଦେଉଥିଲେ। ସାମ୍ନାରେ ବସିଥିବା ଲୋଇସିଂହା ବିଡିଓ ଅକ୍ଷୟ ପାଣି ଉଜ୍ଜ୍ୱ କିନ୍ତୁ ଶୋଇ ପଡିଥିଲେ। ଏହା ଦେଖି ଅନ୍ୟ ଅଧିକାରୀମାନେ ତାଙ୍କୁ ନ ଶୋଇବା ପାଇଁ ସତର୍କ କରିଥିଲେ। ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ସମୟରେ ଜଣେ ବିଡିଓ ଏହିଭଳି ଭାବେ ବେପରୁଆ ମନୋଭାବ ପ୍ରଦର୍ଶନ କରିବାକୁ ନେଇ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ଘର ତାଲା ଭାଙ୍ଗି ସବୁ ଲୁଟିନେଲେ ଚୋର



କଣ୍ଟାବାଞ୍ଜି,୧୫।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ରୋଡ୍-ନଂ ୫ରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ବଡ଼ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘରର ମୁଖ୍ୟ ତାଲା ଭାଙ୍ଗି ଦୁର୍ବୃତ୍ତ ଟଙ୍କା, ସୁନା ଗହଣା ସହ ଅନେକ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ନରେଶ ଅଗ୍ରୱାଲଙ୍କ ବାସଭବନରୁ ଏହି ଚୋରି ହୋଇଛି। ଶ୍ରୀ ଅଗ୍ରୱାଲ ଗତ ୫ ଦିନ ହେବ ହୃଦ୍‌ରୋଗର ଚିକିତ୍ସା ପାଇଁ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ତ୍ରୀ ମଧ୍ୟ ସେଠାରେ ଅଛନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଏହି କାଣ୍ଡ ଭିଆଇଛନ୍ତି। ଦୁର୍ବୃତ୍ତ ଘରେ ପଶି ଆଲମାରୀ ଓ ଅନ୍ୟାନ୍ୟ ସ୍ଥାନରେ ରଖାଯାଇଥିବା ସମସ୍ତ ଗହଣା ଓ ଟଙ୍କା ଚୋରି କରି ନେଇଛନ୍ତି। ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ହୋଇଥିବା ଏବଂ ଘର ଭିତରେ ଜିନିଷପତ୍ର ସବୁ ଛିନ୍ନଛତ୍ର ହୋଇ ପଡ଼ିଥିବା ଦେଖି ତାଙ୍କ ଘରେ କାମ କରୁଥିବା ମହିଳା ଜଣକ ପଡ଼ୋଶୀଙ୍କୁ ଜଣାଇଥିଲେ। ଖବର ପାଇ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ପୁଲିସ ଯାଞ୍ଚ କରୁଛି।

## ସୋମନାଥ ସ୍ୱାଭିମାନ ଯାତ୍ରାରେ ଗଲେ ଶ୍ରଦ୍ଧାଳୁ




ବଲାଙ୍ଗିର,୧୫।୬(ସମିସ): ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସୋମନାଥ ସ୍ୱାଭିମାନ ଯାତ୍ରା ଅବସରରେ ବଲାଙ୍ଗିର ଜିଲ୍ଲାରୁ ୫୪ ଶ୍ରଦ୍ଧାଳୁ ଗୁଜରାଟସ୍ଥିତ ପ୍ରସିଦ୍ଧ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ୨ଟି ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଭୁବନେଶ୍ୱରରୁ ବିଶେଷ ଟ୍ରେନ ଯୋଗେ ସେମାନେ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଯାତ୍ରା କରିବେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ସବୁଜ ପତାକା ଦେଖାଇ ଯାତ୍ରାର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ପରାସର ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ବି.ଏଡ୍ ସାର୍ଟିଫିକେଟ୍ ମିଳୁନି; ଛାତ୍ରଛାତ୍ରୀ ଥାନାର ଦ୍ୱାରସ୍ଥ



କଣ୍ଟାବାଞ୍ଜି,୧୫।୬(ସମିସ): ବି.ଏଡ୍ ସାର୍ଟିଫିକେଟ୍ ମିଳୁ ନ ଥିବା ଅଭିଯୋଗ କରି ୨୦ରୁ ଅଧିକ ଛାତ୍ରଛାତ୍ରୀ କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନୂଆପଡ଼ା, ସୋନପୁର ଜିଲ୍ଲା, ବଲାଙ୍ଗୀର, ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ ଏହି ଅଭିଯୋଗ ଆଣିଛନ୍ତି। କଣ୍ଟାବାଞ୍ଜି ସହରରେ ଦୀର୍ଘ ବର୍ଷ ଧରି ରିମଶ ଶିକ୍ଷା ଅନୁଷ୍ଠାନ ନାଁରେ ଗୋଟିଏ ବେସରକାରୀ ଶିକ୍ଷାନୁଷ୍ଠାନ ଚାଲିଛି। ଏହି ଶିକ୍ଷାନୁଷ୍ଠାନ ମାଧ୍ୟମରେ ଛାତ୍ରଛାତ୍ରୀ ୨୦୨୩-୨୦୨୫ ବ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟ ଅଧୀନ ଏକ କଲେଜରେ ୨୦୨୫ ମେ ମାସରେ ବି.ଏଡ୍ ପରୀକ୍ଷା ଦେଇଥିଲେ। ୨୦୨୫ ସେପ୍ଟେମ୍ବର ୨୬ରେ ଫଳ ପ୍ରକାଶ ପାଇଥିଲା। ଆଜିଯାଏ କିନ୍ତୁ ଛାତ୍ରଛାତ୍ରୀଙ୍କୁ ବି.ଏଡ୍ ସାର୍ଟିଫିକେଟ୍ ମିଳିନାହିଁ। ଜଣେ ଛାତ୍ରଛାତ୍ରୀଙ୍କ ପିଛା ରିମଶ ଶିକ୍ଷା ଅନୁଷ୍ଠାନ ମୁଖ୍ୟ ପତିତପାବନ ହେର୍ଣ୍ଣା ୧ ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ନେଇଛନ୍ତି; ହେଲେ ସାର୍ଟିଫିକେଟ ଦେଇନାହାନ୍ତି। ଆଜି କାଲି କହି ସେ ମାସ ମାସ ଗଡ଼ାଇ ଚାଲିଛନ୍ତି। ଏହାଫଳରେ ବାଧ ହୋଇ ମାମଲା ଥାନାରେ ପହଞ୍ଚିଛି। ତେବେ ୧୦ ଦିନ ମଧ୍ୟରେ ସାର୍ଟିଫିକେଟ ପ୍ରଦାନ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ବଲାଙ୍ଗିରର ୪ କଳାକାର ସାଂସ୍କୃତିକ ଗବେଷକ ମନୋନିତ



ବଲାଙ୍ଗିର,୧୫।୬(ସମିସ): କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ବଲାଙ୍ଗିରର ୨ ଜଣ ବରିଷ୍ଠ କଳାକାର ଡ. ଅର୍ଜୁନ ମୁଗ୍ରୀ ଏବଂ ଲୋକନାଥ ସିଂ ବରିଷ୍ଠ ସଂସ୍କୃତି ଗବେଷକ ଭାବେ ମନୋନିତ ହୋଇଛନ୍ତି। ସେହିପରି ସୁମିତ୍ର ଭୋଇ ଓ କଳ୍ପନା ଭ୍ୟାସ କନିଷ୍ଠ ସଂସ୍କୃତି ଗବେଷକ ଭାବେ ମନୋନିତ ହୋଇଛନ୍ତି। ସର୍ବ ଭାରତୀୟ ସ୍ତରରେ ୨୦୦ କଳାକାର ଚୟନ କରାଯାଇଥିବା ଚିଠା ପ୍ରକାଶ ପାଇଛି; ଯେଉଁଥିରେ ବଲାଙ୍ଗିର ଏହି କଳାକାରଙ୍କ ନାମ ରହିଛି।

## ପାଟଣାଗଡ଼ ମେନାବନ୍ଧ କାମରେ ଅନିୟମିତତା

ପାଟଣାଗଡ଼,୧୫।୬(ସମିସ): ପାଟଣାଗଡ଼ ସହରର ଐତିହାସିକ ତଥା ସବୁଠାରୁ ପ୍ରାଚୀନ ଜଳାଶୟ ମେନାବନ୍ଧର ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଅନିୟମିତତା ହୋଇଥିବା କୋଶଳ ମୁକ୍ତି ମୋର୍ଚ୍ଚା ଅଭିଯୋଗ ଆଣିଛି।

ଏହାର ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ନେଇ ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ ଓ ଜିଲ୍ଲାପାଳଙ୍କ ମଧ୍ୟ ଅଭିଯୋପତ୍ର ପଠାଯାଇଛି। ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ମେନାବନ୍ଧର ପଙ୍କ ଉଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିଲା। ମାତ୍ର ୧୦ ପ୍ରତିଶତ କାମ କରାଯାଇଛି। ଏଣୁ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଟେଣ୍ଡର ପ୍ରକ୍ରିୟାରେ ଜାଣିଶୁଣି ବିଳମ୍ବ କରାଯାଇଥିବା ନେଇ

**କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର**

**୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ**

ପ୍ରଶ୍ନ ଉଠିଛି। ଠିକ୍ ଏହି ସମୟରେ ପାଟଣାଗଡ଼ ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ହଠାତ ବଦଳି ହୋଇଯିବା ପ୍ରକଳ୍ପର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ବର୍ଷା ଦିନ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ସହରରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବ। ଏହାସହ ସରକାରୀ ଅର୍ଥ ଅପଚୟ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ପଙ୍କୋଦ୍ଧାର କାର୍ଯ୍ୟରେ ଅନିୟମିତତା ହେବା ସହ ସରକାରୀ ଅର୍ଥ ଆତ୍ମସାତ ପାଇଁ ଯୋଜନା ହୋଇଛି ବୋଲି କୋଶଳ ମୁକ୍ତି ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ଡିଙ୍ଗର କୁମ୍ଭାର ଅଭିଯୋଗ କରିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ଏଥିରେ ନିଷ୍ପତ୍ତି କ୍ରମେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ପ୍ରଶାସନିକ ସ୍ପଷ୍ଟିକରଣ ଦାବି କରାଯାଇଛି। ୧୫ ଦିନ ମଧ୍ୟରେ ଏହି ଦାବି ପୂରଣ ନ ହେଲେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ରକ୍ତଦାନ ପାଇଁ ସଚେତନ କଲେ ସ୍ୱେଚ୍ଛାସେବୀ




ବଲାଙ୍ଗିର,୧୫।୬(ସମିସ): ରକ୍ତଦାନ ହେଉଛି ମହାଦାନ। ଜଣକର ରକ୍ତ ଅନ୍ୟ ଜଣଙ୍କୁ ଜୀବନଦାନ ଦେଇପାରେ। ଏହି ମହତ ଉଦ୍ଦେଶ୍ୟକୁ ନେଇ ବିଶ୍ୱ ରକ୍ତଦାତା ଦିବସ ଅବସରରେ ବଲାଙ୍ଗିର ସହରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଂଗଠନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ଲୋକଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରାଯିବା ସହ ସଚେତନ କରାଯାଇଥିଲା। ବର୍ତ୍ତମାନ ବଲାଙ୍ଗିର ସହରର ସ୍ଥାନୀୟ କଳା ମଣ୍ଡଳ ପଡ଼ିଆରେ ମିନା ବଜାର ଚାଲିଛି। ସେଠାରେ ଜନସମାଗମ ହେଉଛି। ଲୋକଙ୍କ ଏହି ଭିଡ଼କୁ ଦୃଷ୍ଟିରେ ରଖି ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସଦସ୍ୟମାନେ ସେହି ସ୍ଥାନକୁ ସଚେତନତାର ମାଧ୍ୟମ ଭାବେ ବାଛିଥିଲେ। ମିନା ବଜାରକୁ ଆସୁଥିବା ଜନସାଧାରଣ, ବିଶେଷ କରି ଯୁବପିଢ଼ିଙ୍କ ପାଖରେ ରକ୍ତଦାନର ଗୁରୁତ୍ୱ ପହଞ୍ଚାଇବା ଏବଂ ରକ୍ତଦାନକୁ ନେଇ ଥିବା ଭ୍ରାନ୍ତ ଧାରଣା ଦୂର କରିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ। ପଡ଼ିଆ ମଧ୍ୟରେ ଫାଉଣ୍ଡେସନର ସଦସ୍ୟ ଏକତ୍ରିତ ହୋଇ ଲୋକଙ୍କୁ ରକ୍ତଦାନର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ରକ୍ତ ଅଭାବ ଯୋଗୁଁ ରୋଗୀ ହଇରାଣ ହୁଅନ୍ତି। ଯଦି ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବେ ତେବେ ଅନେକ ମୂଲ୍ୟବାନ ଜୀବନ ବଞ୍ଚିଯାଇପାରିବ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ସୋମନାଥ ମିଶ୍ର, ମୁକେଶ ପଧାନ, କନ୍ଦର୍ପ ରଣା, ବୁଲୁ ମହାକୁର, ରୂପା ଦାସ, ପ୍ରିୟା ମିଶ୍ର, ଶିବାନୀ ଜାଲ, ମନୋଜ ଖମାରି, ଆଶିଷ ସିଂ, ଘନ ପଶାୟତ, ଖଗେଶ୍ୱର ପଧାନ, ମାନସ ପଟେଲ, ପଞ୍ଚା ପଟ୍ଟନାୟକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଶିଶୁ ମନର ବିକାଶ ପାଇଁ ଖଦ୍ୟୋତର ପ୍ରୟାସ



ବଲାଙ୍ଗିର,୧୫।୬(ସମିସ): ସ୍ଥାନୀୟ ମାଲପଡାରେ ଖଦ୍ୟୋତ ଅନୁଷ୍ଠାନ ତରଫରୁ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ନାଚଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ପାଠପଢା ସହ ମନକୁ ପ୍ରଫୁଲ୍ଲ କରିବା ପାଇଁ ଏହା ନିହାତି ଜରୁରି ବୋଲି ସଭାପତି ପ୍ରଫେସର ତରୁଣ ମିଶ୍ର ଅଧ୍ୟକ୍ଷତା କରି କହିଥିଲେ। ଏହି ଅବସରରେ ପ୍ରକୃତିବନ୍ଧୁ ପୁରସ୍କାର ପାଇଥିବା ଅନୁଷ୍ଠାନର ସଭ୍ୟ ଆନନ୍ଦ ଚନ୍ଦ୍ର ବଡପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ମନ୍ଦିରର ହର୍ଷିତା ସିଂ, ପବ୍ଲିକ ସ୍କୁଲର ଦିୟାଂଶି ମହାନ୍ତି, ମଣ୍ଟେଶୋରୀ ସ୍କୁଲର ସମର୍ପିତା ବାରିକ ପ୍ରମୁଖଙ୍କୁ ପ୍ରମାଣପତ୍ର ଓ ପଦକ ଦେଇ ଉତ୍ସାହିତ କରାଯାଇଥିଲା। ସଂପାଦକ ଆକୁଳ ବେହେରା, ଦିବାକର ହୋତା, ମାଲପଡା ନାଗରିକ କମିଟିର ସଭାପତି ଗୋପବନ୍ଧୁ ଶତପଥୀ, ସ୍ୱାସ୍ଥ୍ୟ ବିଭାଗର ଅସିଷ୍ଟାଣ୍ଟ ଡାଇରେକ୍ଟର ମୀନକେତନ ମାଝି, ସତ୍ୟନାରାୟଣ ସିଂଦେଓ, ସବିତା ବାରିକ, ସସ୍ମିତା ନେପାକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ ସଂପାଦକ ରାଜେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବୁଦ୍ଧିଜୀବୀଙ୍କ ସହ କଳିକେଶଙ୍କ ଆଲୋଚନା

# ବହୁମୁଖୀ ବିକାଶ କାର୍ଯ୍ୟର ସମୀକ୍ଷା

ବଲାଙ୍ଗିର,୧୫।୬(ସମିସ)

ବଲାଙ୍ଗିର ସହରରେ ଅନେକଗୁଡିଏ ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିରୁ ଚଳିତବର୍ଷ ସହରର ୧୧ଟି ବନ୍ଧକଟାର ପୁନଃରୁଦ୍ଧାର କାମ ପ୍ରାୟ ସରିବା ଉପରେ ରହିଛି। ମୁଖ୍ୟତଃ ପଙ୍କୋଦ୍ଧାର କାମ ସମ୍ପନ୍ନ ହୋଇଛି। ଆଗକୁ ସୌନ୍ଦର୍ଯ୍ୟକରଣ କାମ କରାଯିବ। ତେଣୁ ବଲାଙ୍ଗିର ସହରର ବୁଦ୍ଧିଜୀବୀଙ୍କୁ ଡାକି ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଓ ପୌରାଧ୍ୟକ୍ଷା ଲିକା ସାହୁ ଆଲୋଚନା କରିଛନ୍ତି। ଐତିହାସିକ କରଙ୍ଗାକଟାଠାରେ ଆୟୋଜିତ ଏହି ବୈଠକରେ ସହରର ବିଭିନ୍ନ ବିକାଶ ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା। ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁତାବକ କାମ ଚାଲିଛି ବୋଲି ବିଧାୟକ କହିଥିଲେ। ବହୁବର୍ଷ ପରେ ଏକାଥକେ ବଲାଙ୍ଗିର ସହରର ୧୧ଟି ବନ୍ଧର ପୁନଃରୁଦ୍ଧାର କାମ କରା



ଯାଇଥିବାରୁ ବଲାଙ୍ଗୀର ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର ଧନ୍ୟବାଦ ଜଣାଇଥିଲେ। ବରିଷ୍ଠ ନାଗରିକ ପଦ୍ମଲୋଚନ ଆଚାର୍ଯ୍ୟ ବନ୍ଧକାମଗୁଡିକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହି ପ୍ରଶଂସା କରିଥିଲେ। ଏହାର ଠିକ୍ ପରିଚାଳନା ଓ ବନ୍ଧଗୁଡିକର ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ପ୍ରଶାସନ ତତ୍ପରତାର ସହ ପଦକ୍ଷେପ ନେଇ କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଥିଲେ। ବନ୍ଧଆଡିଗୁଡିକରେ ନିଶାଖୋରଙ୍କ ଆଡ୍ଡା ଜମୁଥିବାରୁ ଲୋକଙ୍କ ସୁରକ୍ଷାକୁ ନେଇ ଆଶଙ୍କା ରହୁଛି। ଏହା ସହ ଲୋକେ ପୂଜାସାମଗ୍ରୀ ଆଣି ଯେଭଳି ବନ୍ଧରେ ଫୋପାଡିବେ ନାହିଁ ସେଥିପାଇଁ ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ନବକୃଷ୍ଣ ସାହୁ କହିଥିଲେ। ବରିଷ୍ଠ ନାଗରିକ ମଞ୍ଚର ପ୍ରଭାକର ମିଶ୍ର ବଲାଙ୍ଗୀରବାସୀ ସବୁବେଳେ ବିକାଶ ପ୍ରକଳ୍ପକାମଗୁଡିକୁ ସହଯୋଗ କରିବେ ବୋଲି କହିଥିଲେ। ରାମନାରାୟଣ ପାଢୀ, ପ୍ରଭାସ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ବୁଦ୍ଧିଜୀବୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବନ୍ଧରେ ଶୌଚାଳୟ ବ୍ୟବସ୍ଥା କରିବାକୁ ଏମାନେ ଦାବି କରିଥିଲେ। ଶେଷରେ କପିଳେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, କାଉନସିଲର ଶମ୍ଭୁ ନାଗ, ସରିତା ଦାସ, ନନ୍ଦିନୀ ପୋଢ, ସନ୍ତୋଷିନୀ କୁଅଁର, ଗଙ୍ଗାଧର ଚାନ୍ଦ, ଶତ୍ରୁଘ୍ନ ନାଗ, ଡ. ଶିବପ୍ରସାଦ ନନ୍ଦ, ପ୍ରିୟବ୍ରତ ବହିଦାର, ବିଜେଡିର ବିଧୁଭୂଷଣ ତ୍ରୀପାଠୀ, ଗୋବିନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମଉଜ
# ମହକିଲା ପୋଡ଼ପିଠା, ଝଲସିଲା ଓଡ଼ିଆ ପରମ୍ପରା

**ରାଉରକେଲା, ୧୫।୬(ସମିସ)**

ଇସ୍ପାତ ସହର ରାଉରକେଲାର ସାମାଜିକ ସଂଗଠନ 'ସ୍ୱାଭିମାନୀ ଓଡ଼ିଆ' ଆନୁକୂଲ୍ୟରେ ବାସନ୍ତୀ କଲୋନୀ ଗଣେଶ ପୂଜା ପଡ଼ିଆଠାରେ 'ରଜ ମଉଜ ୨୦୨୬' ପାଳିତ ହୋଇଯାଇଛି। ଏହି ଉତ୍ସବରେ ପୁଚି, ଦଉଡ଼ି ଡିଆଁ, ରଙ୍ଗୋଲି, ଶଙ୍ଖ ବାଦନ, ହୁଳହୁଳି, ମ୍ୟୁଜିକ ଚେୟାର, ଛୁଞ୍ଚି ସୂତା, ପିଠା ତିଆରି ଏବଂ ନୃତ୍ୟ ଭଳି ୧୨ରୁ ଊର୍ଦ୍ଧ୍ୱ ପାରମ୍ପରିକ ଓ ଆଧୁନିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ପ୍ରାୟ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ରାଉରକେଲାର ବିଧାୟକ ଶାରଦା ପ୍ରସାଦ ନାୟକ ଯୋଗ ଦେଇଥିବାବେଳେ ବିରେନ ସେନାପତି, ଧୀରେନ ସେନାପତି, ନିହାର ରାୟ, ସୀତାରାମ ବରେଲିୟା, ଗଗନ ପଣ୍ଡା ରଶ୍ମିବାଳା ମିଶ୍ର, ସବିତା ପ୍ରଭା ସାହୁ, ମଞ୍ଜୁ ଶର୍ମା, ସବିତା ମହାନ୍ତି ଏବଂ ଶ୍ରଦ୍ଧା ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସମାଜପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଭିମାନୀ ଓଡ଼ିଆ ଅନୁଷ୍ଠାନର ସଭାପତି ଅଶେଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜୀବ ପ୍ରତିହାରୀ, ରଞ୍ଜନମହାନ୍ତି, ସୁଶାନ୍ତ ରାଉତ, ପ୍ରଣୟ ନାୟକ, ସୂଦୀପ ମହାନ୍ତି, କୁଞ୍ଜବିହାରୀ ପ୍ରଧାନ, ପ୍ରଧାନ, ଟୁବୁ ଗୋସ୍ୱାମୀ, ବାଇନ ସାମଲ, ସତ୍ୟଜିତ ମହାନ୍ତି, ସୁଶାନ୍ତ ଦାସ, ଛବି ମହାନ୍ତି, ମୌସୁମୀ ଓ ସୁନନ୍ଦା ସେନାପତି ପ୍ରମୁଖ ସହଯୋଗ କରିଥିଲେ।









## ୟୁଜିଆଇଇ ଆଲୁମିନୀ ଲେଡିଜ୍ କ୍ଲବ୍

**ରାଉରକେଲା:** ୟୁଜିଆଇଇ ଆଲୁମିନୀ ଅସୋସିଏସନ୍ ଲେଡିଜ୍ କ୍ଲବ୍ ପକ୍ଷରୁ ରଜ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ରଜ ଓଡ଼ିଆଣୀ, ପୋଡ଼ ପିଠା ଓ ପାନଭଙ୍ଗା ଆଦି ରଜ ପର୍ବଭିତ୍ତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପହିଲିରଜର ସନ୍ଧ୍ୟାରେ ରଜ ସଂସ୍କୃତି ଓ ପରମ୍ପରାକୁ ନେଇ ଗୁରୁ ପୁଷ୍ପା ମିଶ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପରେ ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରଜଓଡ଼ିଆଣୀ ଭାବରେ ପ୍ରଥମସ୍ଥାନ ଅଧିକାର କରିଥିବା ଲତିକା ପଣ୍ଡା, ଦ୍ୱିତୀୟସ୍ଥାନରେ ରୀତାରାଣୀ ପାଣିଗ୍ରାହୀ, ସୁଚିତ୍ରା ଖଣ୍ଡୁଆଳ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଲିଟି ମହାନ୍ତି ଓ ଅନୀମା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପୋଡ଼ ପିଠା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜୟଲକ୍ଷ୍ମୀ ସିଂ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରଭାତୀ ମିଶ୍ର ଏବଂ ତୃତୀୟ ସ୍ଥାନ ଅଧିକାର କରିଥୁବୀ ଅନୀମା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ପାନ ଭଙ୍ଗା ପ୍ରତିଯୋଗିତାରେ ପ୍ରଥମ ସୁଚିତ୍ରା ଖଣ୍ଡୁଆଳ, ଦ୍ୱିତୀୟ ବିଜୟଲକ୍ଷ୍ମୀ ସିଂ ଓ ତୃତୀୟ ସ୍ଥାନ ହାସଲ କରିଥିବା ସୁପ୍ରଭା ସାହୁ ପୁରସ୍କୃତ ହୋଇଥିଲେ। ବିଚାରକଭାବେ ଦିଲ୍ଲୀ ପବ୍ଲିକ୍ ସ୍କୁଲର ଅବସରପ୍ରାପ୍ତ ଓଡ଼ିଆ ବିଭାଗର ଶିକ୍ଷୟିତ୍ରୀ ସୌଦାମିନୀ ସିଂ ଓ ଓଡ଼ିଆ ବିଭାଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଯୋଗ ଦେଇ ମୂଲ୍ୟାୟନ କରିଥିଲେ। ସ୍ମିତା ମିଶ୍ର ସଂଯୋଜନା କରିବା ସହ ଆୟୋଜିତ ରଙ୍ଗାରଙ୍ଗ ସଂସ୍କୃତିକ ସଙ୍ଗୀତ ସନ୍ଧ୍ୟାକୁ ପରିଚାଳନା କରିଥିଲା। ସଭାପତି ବୈଲୋଚନ ସାମଲ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ଓ ସାଂସ୍କୃତିକ ସମ୍ପାଦକ ତାପସ ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଶ୍ମୀ ସାହୁ, ପ୍ରଜ୍ଞ୍ୟାତ୍ରିପାଠୀ, ନମିତା ଦାସ, ସରିତା ବିଶ୍ୱାଳ, ନିରୁପ୍ରଭା ମହାପାତ୍ର, ଡ. ସୁଭାଷିନୀ ଜେନା, ଓରିସନ ସିଦ୍ଧି ଟପ୍ପୋ, ଲଳିତେନ୍ଦୁ ମିଶ୍ର, ଅନାଦି ଚରଣ ବିଶ୍ୱାଳ, ବସନ୍ତ ସେନାପତି, ପଞ୍ଚାନନ ବେହେରା, ପଙ୍କଜ ସାମନ୍ତ, ମନୋଜ ମହନ୍ତ, ରଞ୍ଜିତ ଦାସ, ପ୍ରଶାନ୍ତ ପାଣିଗ୍ରାହୀ, ପ୍ରଭାତ ତ୍ରିପାଠୀ, ସଞ୍ଜୀବ ପାଲ, ଅମର ସାହୁ ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଆୟୋଜନ ହୋଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘ

**ରାଉରକେଲା:** ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାର ପରିସରରେ ରଜ ମହୋତ୍ସବ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ରଜ ଉତ୍ସବର ସାମାଜିକ, ଧାର୍ମିକ ତଥା ପୌରଣିକ ଭିତ୍ତି ଉପରେ ଆଲୋକପାତ ସହ ନିଜର ଅନୁଭୂତି ବର୍ଣ୍ଣର୍ନା କରିଥିଲେ। ଡ. ସାନ୍ତ୍ୱନା ପରିଡ଼ା, ପ୍ରୀତି କୁମାରୀ ସାହୁ, ଜ୍ୟୋତି ମହାପାତ୍ର, ଅନିତା ସାହୁ ଏବଂ ବିଜୟଲକ୍ଷ୍ମୀ ମିଶ୍ରଙ୍କ ପ୍ରାରମ୍ଭିକ ସାମୂହିକ ସଙ୍ଗୀତ ଗାନ ଏବଂ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ସହ ସ୍ନିଗ୍ଧା ସାମନ୍ତରାୟଙ୍କ ଏକକ ଅଭିନୟ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲା। ସେହିପରି ଡ. ପି.କେ.ସାହୁ, ଅଜିତ ମୋହନ ପୁଜାରୀ, ବିଜୟ କୁମାର ନାୟକ ଓ ସୁବାସ ଚନ୍ଦ୍ର ମହାନ୍ତିଙ୍କ ଭଜନ ଓ ସୁମଧୁର ଲଘୁ ସଙ୍ଗୀତ ପରିବେଷଣ କରିଥିଲେ। ଉପସଭାପତି ସୁବାସ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟା ଅଞ୍ଜଳି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ ହରିହର ନାୟକ ସହଯୋଗ କରିଥିଲେ।

## ସାମାଜିକ ଅନୁଷ୍ଠାନ 'ପରିଚୟ'

**ରାଉରକେଲା:** ସାଂକୃତିକ ଓ ସାମାଜିକ ଅନୁଷ୍ଠାନ ପରିଚୟ ପକ୍ଷରୁ ୨୧ତମ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ମନୋରଞ୍ଜନ ଦାସ, ବିଶିଷ୍ଟ ନାଟ୍ୟବିତ ପ୍ରସନ୍ନ ଦାସ୍ ଯୋଗ ଦେଇଥିଲେ। ଏହି ଅବସରରେ ଶାସ୍ତ୍ରୀୟ ନୃତ୍ୟ ବର୍ଗରେ ଓଡିଶୀ ଭାରତନାଟ୍ୟମ୍, କଥକ ଏବଂ କୁଚପୁଡିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର କରାଯାଇଥିଲା। ପଞ୍ଚାନନ ପାତ୍ରଙ୍କ ପରିଚାଳନାରେ ଅଶୋକ ସେଠୀ ସଭାପତିତ୍ୱ କରିଥିଲେ। ପଞ୍ଚାନନ ମହାପାତ୍ର ସଂଯୋଜନା କରିଥିଲା ବେଳେ ମୁଖ୍ୟ ସଞ୍ଚାଳିକା ଗାୟତ୍ରୀ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲାର ପାନ୍ଥ ନିବାସ

**ରାଉରକେଲା :** ଓଡ଼ିଶାର ମହାନ କୃଷି ଭିତ୍ତିକ ଗଣପର୍ବ ରଜ ମହୋତ୍ସବ ଆଜି ରାଉରକେଲାର ପାନ୍ଥ ନିବାସ ଠାରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ପାନ୍ଥନିବାସର ମ୍ୟାନେଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏକ ଉତ୍ତମ ପ୍ରୟାସ କରାଯାଇଥିଲା। ଏହି ଅବସରରେ ଓଡିଆଙ୍କ ଅତି ସ୍ୱାଦିଷ୍ଟ ପୋଡ ପିଠା, ମଣ୍ଡା ପିଠା, କ୍ଷୀର ଗଜା, ବିରି ଚକୁଳି ପିଠା, ସୁଜି କାକରା, ଘୁଘୁନି, ରଜ ପାନ ଆଦି ପ୍ରସ୍ତୁତ କରାଯାଇ ସୁସଜ୍ଜିତ କରାଯାଇଥିଲା। ଏହି ଅବସରରେ ରଜ ମହୋତ୍ସବର ମୁଖ୍ୟ ଆକର୍ଷଣ ଏକ ସୁସଜ୍ଜିତ ଦୋଳିର ବ୍ୟବସ୍ଥା କରାଯାଇଥିଲା। ଉତ୍ସବକୁ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ଧିରେନ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ ଦ୍ୱାରା ଭାରତର ପ୍ରତିରକ୍ଷା କ୍ଷେତ୍ର ସଶକ୍ତ




**ରାଉରକେଲା, ୧୫।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ ହେଉଛି ଏକ ପ୍ରମୁଖ ବିଭାଗ, ଯାହା ରଣନୀତିକ ପ୍ରତିରକ୍ଷା, ନୌସେନା ଏବଂ ଗବେଷଣାମୂଳକ ପ୍ରୟୋଗ ପାଇଁ ସମରସଜ୍ଜା-ସ୍ତରୀୟ ଏବଂ କ୍ୱେଞ୍ଚଡ୍ ଓ ଟେମ୍ପର୍ଡ ଇସ୍ପାତ ପ୍ଲେଟ୍ ଉତ୍ପାଦନ ପାଇଁ ଉତ୍ସର୍ଗୀକୃତ। ଗତ ଆର୍ଥିକ ବର୍ଷରେ ଏହି ବିଭାଗ ନିଜର ବିଶେଷଜ୍ଞତା ସମ୍ପନ୍ନ ଉତ୍ପାଦ ମାଧ୍ୟମରେ ୩୦୦ କୋଟିରୁ ଅଧିକ ଟଙ୍କା ଆଦାୟ କରିଛି। ଏସ୍‌ପିପି ଅର୍ଡନାନ୍ସ ଫ୍ୟାକ୍ଟ୍ରି ମେଦକ ପାଇଁ ୪ ମିଲିମିଟରର '୨ ପିଆଇଇ' ସମରସଜ୍ଜାସ୍ତରୀୟ ପ୍ଲେଟ୍ ସଫଳତାର ସହ ବିକଶିତ ଏବଂ ପ୍ରେରଣ କରିଛି, ଯାହା ଭାରତର ପ୍ରତିରକ୍ଷା କ୍ଷେତ୍ରର ବଦଳୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହାର ବୈଷୟିକ ସାମର୍ଥ୍ୟ ଏବଂ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଉଲ୍ଲେଖଯୋଗ୍ୟ ଯେ ୧୯୬୯ରେ ପ୍ରତିଷ୍ଠିତ ଏହି ପ୍ଲାଣ୍ଟର ଭାରତୀୟ ସେନା ଏବଂ ନୌସେନା ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଇସ୍ପାତ ପ୍ଲେଟ୍ ଯୋଗାଇବାର ଏକ ସମୃଦ୍ଧ ସୁନାମ ରହିଛି। ଏକ ନୂତନ କ୍ୱେଞ୍ଚିଙ୍ଗ୍ ଏବଂ ଟେମ୍ପରିଙ୍ଗ୍ ଫର୍ଣ୍ଣେସ୍ ଏବଂ ଏକ ଅତିରିକ୍ତ ହିଟ୍ ଟ୍ରିଟ୍‌ମେଣ୍ଟ ଲାଇନ୍ କାର୍ଯ୍ୟକ୍ଷମ ହେବା ପରେ, ଏହି ପ୍ଲାଣ୍ଟର ଉତ୍ପାଦନ କ୍ଷମତା ମାସିକ ୨୦ ଟନ୍‌ରୁ ବୃଦ୍ଧି ପାଇ ୧, ୨୫୦ ଟନ୍‌ରେ ପହଞ୍ଚିଛି। ପ୍ରତିରକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ଆବଶ୍ୟକତା ପୂରଣକରି ଦେଶର 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବାରେ ଏସ୍‌ପିପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଗତ ବର୍ଷଗୁଡ଼ିକରେ, ଏହା ଆଇଏନ୍ଏସ୍ ବିକ୍ରାନ୍ତ, ଆଇଏନ୍ଏସ୍ କାମୋର୍ଟା ଏବଂ ଆଇଏନ୍ଏସ୍ ତାରାଗିରି ଭଳି ଅନେକ ସମ୍ମାନଜନକ ସ୍ୱଦେଶୀ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ଇସ୍ପାତ ଯୋଗାଇ ଦେଇଛି। ଏହି ପ୍ଲାଣ୍ଟ ଯୁଦ୍ଧ ଜାହାଜ ଓ ସାମରିକ ଯାନ ନିର୍ମାଣ ପାଇଁ ହେଭି ଭେହିକିଲ୍ସ ଫ୍ୟାକ୍ଟ୍ରି ଏବଂ ଅର୍ଡନାନ୍ସ ଫ୍ୟାକ୍ଟ୍ରି ମେଦକକୁ ବହୁ ପରିମାଣରେ 'ସ୍ୱେଡ୍ ଗ୍ରେଡ୍' ଏବଂ 'ଜ୍ୟାକାଲ୍ ଗ୍ରେଡ୍' ପ୍ଲେଟ୍ ଯୋଗାଇ ଦେଇଛି। ଏହାବ୍ୟତୀତ, ବୋମା ନିରୋଧୀ ସୁରକ୍ଷିତ ଯାନ ପାଇଁ ଭେହିକିଲ୍ ଫ୍ୟାକ୍ଟ୍ରି ଜବଲପୁରକୁ ଜ୍ୟାକାଲ୍ ଗ୍ରେଡ୍ ପ୍ଲେଟ୍ ଯୋଗାଇ ଦିଆଯାଇଛି। ଅନ୍ୟାନ୍ୟ ଉଲ୍ଲେଖନୀୟ ସଫଳତା ମଧ୍ୟରେ ମିଶ୍ର ଧାତୁ ନିଗମ ଲିମିଟେଡ୍‌କୁ ଯୋଗାଇ ଦିଆଯାଇଥିବା ଅଗ୍ନି ମିସାଇଲ୍ କାର୍ଯ୍ୟକ୍ରମ ପାଇଁ ରୋଲିଂ ପ୍ଲେଟ୍ ଏବଂ ଡିଫେନ୍ସ ମେଟାଲର୍ଜିକାଲ୍ ରିସର୍ଚ୍ଚ ଲ୍ୟାବୋରେଟୋରୀର ମାର୍ଗଦର୍ଶନରେ ଡିଏମଆର-୨୪୯ ଏ, ଡିଏମ୍‌ଆର-୨୪୯ ବି ଏବଂ ଡିଏମଆର - ୩୦୧ ଭଳି ନୌସେନାସ୍ତରୀୟ ଇସ୍ପାତର ଉତ୍ପାଦନ ଓ ପ୍ରେରଣ ସାମିଲ ରହିଛି।

# ଡିଭାଇଡର ଉପରକୁ ମାଡ଼ିଗଲା ଟିପ୍ପର

**ରାଉରକେଲା, ୧୫।୬ (ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ଜଳଦା ଫାଣ୍ଡି ଅଧୀନ ଫେଟକଲ ପେଟ୍ରୋଲ ପମ୍ପ ନିକଟରେ ଆଜି ମାଲବୋଝେଇ ଟିପ୍ପର ନିୟନ୍ତ୍ରଣ ହରାଇ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ଡିଭାଇଡର ଉପରକୁ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟିପ୍ପରଟି ଏତେ ଦ୍ରୁତଗତିରେ ଡିଭାଇଡର ଉପରକୁ ମାଡ଼ି ଯାଇଥିଲା ଯେ ଏହା ଡିଭାଇଡର ଉପରେ ଚଢ଼ି ୩୦ ମିଟର ପର୍ଯ୍ୟନ୍ତ ଡିଭାଇଡର ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରକୁ ମାଡି ଆସିଥିବା ଲୁହା ରେଲିଂକୁ ବାହାର କରିଥିଲା। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି।

# ନେଟୱର୍କ ସମସ୍ୟା; ଏସ୍‌ଆଇଆର ସର୍ଭେ କାର୍ଯ୍ୟ ପ୍ରଭାବିତ

**ବଣାଇଁ, ୧୫।୬(ସମିସ):** ବଣାଇଁ ଉପଖଣ୍ଡରେ ଚାଲିଥିବା ଏସ୍‌ଆଇଆର ସର୍ଭେ କାର୍ଯ୍ୟ ବେଳେ ଅନେକ ଅଞ୍ଚଳରେ ନେଟୱାର୍କ ସମସ୍ୟା ଦେଖାଦେବାରୁ ସର୍ଭେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନେ ହଇରାଣ ହେଉଛନ୍ତି। ବଣାଇଁ ଉପଖଣ୍ଡ ଅଧୀନ ବଣାଇଁଗଡ଼, ଗୁରୁଣ୍ଡିଆ, ଲହୁଣୀପଡ଼ା ଓ କୋଇଡା ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଇଣ୍ଟରନେଟ୍ ସଂଯୋଗ ଦୁର୍ବଳଥିବାରୁ ସର୍ଭେ ସମ୍ପର୍କିତ ତଥ୍ୟ ଅପଲୋଡ୍ ଓ ଅନଲାଇନ୍ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ଫଳରେ ସର୍ଭେ କାର୍ଯ୍ୟର ଗତି ମନ୍ଥର ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବଣାଇଁ ଉପଜିଲ୍ଲାପାଳ ଅଶୋକ ଦାସ କହିଛନ୍ତି ଯେ, ଉପଖଣ୍ଡର କେତେକ ଅଞ୍ଚଳରେ ନେଟୱାର୍କ ସମସ୍ୟା ଥିବା ଅଭିଯୋଗ ଆସୁଛି। ତଥାପି ସର୍ଭେ କାର୍ଯ୍ୟ ନିରନ୍ତର ଚାଲିଛି ଏବଂ ଏପର୍ଯ୍ୟନ୍ତ ପ୍ରାୟ ୭୦ ହଜାରରୁ ଅଧିକ ଫର୍ମ ସଂଗ୍ରହ କରାଯାଇଛି। ନେଟୱାର୍କ ସମସ୍ୟା ଥିଲେ ମଧ୍ୟ କାର୍ଯ୍ୟକୁ ସୁଚାରୁ ଭାବେ ଆଗେଇ ନେବାପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ, ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳରେ ଟେଲିକମ୍ ସେବାର ଉନ୍ନତି ପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରୁଥିବାବେଳେ ଏସ୍‌ଆଇଆର ସର୍ଭେ ସମୟରେ ପୁଣିଥରେ ଏହି ସମସ୍ୟା ପଦାକୁ ଆସିଛି। ନେଟୱାର୍କ ବ୍ୟବସ୍ଥାର ସୁଧାରହେଲେ ସର୍ଭେ କାର୍ଯ୍ୟ ଅଧିକ ତ୍ୱରିତ ହେବବୋଲି ମତ ପ୍ରକାଶ ପାଇଛି।



# ରେଲଧାରଣାରେ ଯୁବକଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର

**ରାଉରକେଲା, ୧୫।୬ (ସମିସ):** ବୀରମିତ୍ରପୁରସ୍ଥିତ ରେଲଧାରଣାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ଶବ ରେଳବାଇ ପୁଲିସ ଜବତ କରିଛି। ସେ ମାଗୁଣି ବଡାଇକ(୩୫) ବୋଲି ସୂଚନା ମିଳିଛି। ରେଲଧାରଣାରେ କଟି ମୃତ୍ୟୁବରଣ କରିଛି ନା ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ତାକୁ ନେଇ ଚାଲିଛି ଚର୍ଚ୍ଚା। ରେଳବାଇ ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାଉପରୁ ପରଦା ହଟିବ ବୋଲି ସୂଚନା ମିଳିଛି।

# ରାଧାମୋହନ ଗଡ଼ନାୟକଙ୍କ ସାହିତ୍ୟ ଆଲୋଚନା

**ରାଉରକେଲା, ୧୫।୬(ସମିସ):** ରାଉରକେଲାର ସାହିତ୍ୟ ଅନୁଷ୍ଠାନ ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ରାଧାମୋହନ ଗଡ଼ନାୟକଙ୍କ ସ୍ମୃତିରେ ସାହିତ୍ୟ ସଭା, ରଜପର୍ବ ଏବଂ କବିତା ପାଠ କର୍ଯ୍ୟକ୍ରମ ସେକ୍ଟର - ୭ ସ୍ଥିତ ନିଜସ୍ୱ ଭବନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ନୃସିଂହ ଚରଣ ବଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ପ୍ରଶାନ୍ତ କୁମାର ପତି ମୁଖ୍ୟ ଅତିଥି ତଥା ବରେଣ୍ୟ ବକ୍ତାଭାବରେ ଯୋଗଦାନ କରିଥିବାବେଳେ ରାଉଲକେଲାର ବିଶିଷ୍ଟ ଉଦ୍ୟୋଗବିତ୍ ନିହାରିକା ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଧାମୋହନ ଗଡ଼ନାୟକଙ୍କ ସାହିତ୍ୟର ବିଭିନ୍ନ ଦିଗରୁ ଆଲୋଚନା କରି ବରେଣ୍ୟ ବକ୍ତା ଶ୍ରୀ ପତି କହିଥିଲେ ଯେ କବି ଗଡ଼ନାୟକ ଥିଲେ କାବ୍ୟ ସ୍ଥାପତ୍ୟ ଓ ଛନ୍ଦର ଅପୂର୍ବ ବିନ୍ଧାଣୀ। ଉପସଭାପତି ରଶ୍ମୀବାଳା ରାଉତରାୟ ରଜପର୍ବର ଅନୁଭୂତି ବର୍ଣ୍ଣନା କରଥିବାବେଳେ ହରମୋହନ ମିଶ୍ର କବି ଗଡ଼ନାୟକଙ୍କ ସହ ତାଙ୍କ ସମ୍ପର୍କର ଅବତାରଣା କରିଥିଲେ। କବି ସୁସ୍ମିତା ମାହାପାତ୍ର ପ୍ରାକ୍ କଥନ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ। ଡା. କୃପାସିନ୍ଧୁ ନାୟକଙ୍କ ଦ୍ୱାରା ସଂସଦର ତପସ୍ୱିନୀ ଗ୍ରନ୍ଥାଗାର ନିମନ୍ତେ 'କୃପାସିନ୍ଧୁ ନାୟକଙ୍କ କବିତା ସମଗ୍ର ' ର ପ୍ରଥମ ଭାଗ ପ୍ରଦାନ କରାଯାଇ ଥିଲା ଏବଂ ସଭାପତି ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ଡାକ୍ତର ନାୟକଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କବି ସବିତା ବସ୍ତିଆଙ୍କ ସଭାପତିତ୍ୱ ଏବଂ କବି ଅର୍ଚ୍ଚନା ପାତ୍ର ଏବଂ ଦିବାକର ଦାସଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ବିଜୟିନୀ ଜେନା, ସତ୍ୟବ୍ରତ ଦାସ, ଅଭିରାମ ପ୍ରଧାନ, ବିଜୟ ରାୟ, ଭୀମସେନ ସାହୁ, ବ୍ରଜ ବିହାରି ଦାସ, ସଞ୍ଜୀବ କୁମାର ଭୋଇ, ବଳରାମ ଦାଶ, ଉମେଶ ଚନ୍ଦ୍ର ନାୟକ, ବିଭୂ ପ୍ରସାଦ ନାୟକ, ଅଭିରାମ ସାଗରିଆ, ସସ୍ମିତା ପ୍ରଧାନ, ବ୍ରଜେନ୍ଦ୍ର କୁମାର ଦାଶ, ସୁଶାନ୍ତ କୁମାର ନାୟକ, ନୃସିଂହ ଚରଣ ବିଶ୍ୱାଳ, କୁଞ୍ଜ ବିହାରୀ ରାଉତ, ସ୍ନେହଲତା ପଟ୍ଟନାୟକ, ଶୈଳବାଳା ଷଡ଼ଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ରାଜୀବ ପାଣି, ଅକ୍ଷୟ ସାମଲ, ଶର୍ମିଷ୍ଠା କବି ଶତପଥୀ, ଜଗନ୍ନାଥ ରାଉତ, ହୃଦାନନ୍ଦ ପଟେଲ, ରାମ ଚନ୍ଦ୍ର ଜେନା, ଜିତେନ୍ଦ୍ର କୁମାର ବସ୍ତିଆ, ରମେଶ ଚନ୍ଦ୍ର ପାତ୍ର, ସୁକାନ୍ତ ମହାପାତ୍ର, କାଶୀନାଥ ପାତ୍ର, କୈଳାଶ ଚନ୍ଦ୍ର ମହାନ୍ତି, ପ୍ରବୀର କୁମାର ଦୁବେ, ଅଶୋକ କୁମାର ମହାନ୍ତି, ଶିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୋହନ ପଟ୍ଟନାୟକ ଏବଂ ପ୍ରଫୁଲ୍ଲ ସାମଲ ସହାୟତା କରିଥଲେ। କବି ସତ୍ୟବ୍ରତ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।




# ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପଣ୍ଡ; ୫ ଗିରଫ

**ରାଉରକେଲା, ୧୫।୬(ସମିସ)**

ସ୍ଥାନୀୟ ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ଡିସୌଜା ସ୍କୁଲ ପଛ ଜଙ୍ଗଲରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ସ୍ଥାନୀୟ ପେଟ୍ରୋଲ ପମ୍ପ ସମେତ କିଛି କ୍ୱାର୍ଟର୍ସ ଏବଂ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହାକୁ ପଣ୍ଡ କରିଛି। ୫ ଡକାୟତଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧ ଆଖଣ୍ଡଳମଣୀ ବସ୍ତି ଅଞ୍ଚଳର ସନ୍ତୋଷ ବିଷୋୟୀ ଓରଫ ଋଷି(୨୨), ସେକ୍ଟର-୨୦ ମିଶ୍ର ଖଟାଲ ଅଞ୍ଚଳର ରାକେଶ କୁମ୍ଭାର(୩୫), ସେକ୍ଟର-୧୫ ମୋହନ ମଲ୍ଲାର ଖଲ୍ଲୀ ଖାନ୍(୩୮), ସେକ୍ଟର-୧୯ ଝାଡ଼ଖଣ୍ଡ ମାର୍କେଟ ଅଞ୍ଚଳର ଜଗବନ୍ଧୁ ପଣ୍ଡା ଓରଫ ସୁନିଲ(୨୬) ଏବଂ କୋଏଲନଗର ଅଞ୍ଚଳର ଶାକିହ ଆବୁ ଫହିମ୍ (୪୦)।

## ବିପୁଳ ମାରଣାସ୍ତ୍ର ଜବତ

ସୂଚନାଯୋଗ୍ୟ ଯେ, ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ସ୍ଥିତ ଡିସୌଜା ସ୍କୁଲ ପଛ ପଟେ ଥିବା ଦୁର୍ଗାପୁର ପାହାଡ଼ ତଳ ଜଙ୍ଗଲ ଭିତରେ ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକାଠି ହୋଇ ଲୁଟ୍ ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ସେକ୍ଟର-୩ ଥାନା ପୁଲିସ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ କଟୁରୀ, ଟାଙ୍ଗିଆ, ଲୁହାଛଡ, ଛୁରୀ, ମାର୍ତୁଲ, ସ୍କ୍ରୁ ଡ୍ରାଇଭର, ଲଙ୍କା ପାଉଡର, ଏଲ୍‌ଇଡି ଟର୍ଚ୍ଚ, ମାସ୍କ, ଓ ମୋବାଇଲ ଫୋନ ଆଦି ଜବତ କରାଯାଇଛି। ସେମାନେ ନିକଟସ୍ଥ ପେଟ୍ରୋଲ ପମ୍ପ ସମେତ କିଛି ଘର ଓ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ଗିରଫ ପରେ ପୁଲିସକୁ ସୂଚନା ଦେଇଛନ୍ତି। ଗିରଫ ଖଲି ଖାନ ନାଁରେ ସେକ୍ଟର-୧୯, ସେକ୍ଟର-୧୫ ଏବଂ ସେକ୍ଟର-୭ ଥାନା ଅଧିନରେ ୧୧ଟି ବିଭିନ୍ନ ଅପରାଧିକ ମାମଲା ରହିଛି। ସେହିପରି ସୁନିଲ ପଣ୍ଡା ନାଁରେ ସେକ୍ଟର-୧୯ ଏବଂ ଝିରପାଣି ଥାନାରେ ୨ଟି ଅପରାଧିକ ମାମଲା, ସନ୍ତୋଷ ବିଷୋୟୀ ନାଁରେ ସେକ୍ଟର-୧୫, ସେକ୍ଟର-୩ ଥାନା ଏବଂ ଝିରପାଣି ଥାନାରେ ବିଭିନ୍ନ ୧୮ଟି ଅପରାଧିକ ମାମଲା, ଆବୁ ଫହିମ୍ ନାଁରେ ଝିରପାଣି ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ବେଳେ ରାକେଶ କୁମ୍ଭାର ନାଁରେ ଝିରପାଣି ଏବଂ ସେକ୍ଟର-୧୯ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି।



# ନୂତନ ଗୀର୍ଜାଘରର ପ୍ରତିଷ୍ଠା ଉତ୍ସବ




**ବଣାଇଁ, ୧୫।୬(ସମିସ):** ଗୁରୁଣ୍ଡିଆ ବ୍ଲକ ଅଧୀନ ସୋଲଗୁଡ଼ାସ୍ଥିତ କ୍ୟାଥଲିକ ଗୀର୍ଜାଘରର ନୂତନଭବନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡାଏସିସର ବିଶପ କିଶୋର କୁମାର କୁଜୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସମ୍ମାନିତଅତିଥି ଭାବେ ଉପସ୍ଥିତ ଥିଲେ। ନିକଲାସ ବିଲୁଙ୍ଗଙ୍କ ଉଦ୍ୟମରେ ପୂର୍ବରୁ ନିଜସ୍ୱ ଖର୍ଚ୍ଚରେ ଏକ ଚର୍ଚ୍ଚ ପ୍ରତିଷ୍ଠା କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ବିଧାୟକଙ୍କ ପାଣ୍ଠିରୁ ନୂତନ ଗୀର୍ଜାଘର ନିର୍ମାଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳୀର ପାଷ୍ଟର ଅଜୁ ଭାଇ, ସୋଲ ସରପଞ୍ଚ ମନୋଜ ମିର୍ଧା, ସମାଜସେବୀ ଓ ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବିଲୁଙ୍ଗ ପ୍ରମୁଖ ନିଜ ନିଜ ମତାମତ ରଖିଥିଲେ। ବିପିନ ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ଉଠାଣ ଦାବିରେ ଚାଷୀଙ୍କ ରାସ୍ତାରୋକ



**ଜୁନାଗଡ଼, ୧୫ ।୬(ସମିସ):** କଳାହାଣ୍ଡି ଜିଲ୍ଲାରେ ରବି ଧାନକ୍ରୟ ପ୍ରକ୍ରିୟା ଅଚଳାବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ମଣ୍ଡିରୁ ଶୀଘ୍ର ଧାନ ଉଠାଣ ଦାବିରେ ଆଜି ଜୁନାଗଡ଼ର ଶତାଧିକ ଚାଷୀ ଭବାନୀପାଟଣା-ଜୟପୁର ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି । ଜୁନାଗଡ଼ ଆର୍‌ଏମ୍‌ସି ନିକଟ ଲଙ୍କେଶ୍ୱରୀ ମନ୍ଦିର ପାଖରେ ସୋମବାର ସକାଳ ୯ଟାରୁ ଚାଷୀମାନେ ଧାନବସ୍ତା ରଖି ରାସ୍ତାରୋକ କରିଥିଲେ । ଏହି ଆନ୍ଦୋଳନରେ ପିସସି ସଭାପତି ଭକ୍ତ ଚରଣ ଦାସ ସାମିଲ ହୋଇ ଚାଷୀଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁସାରେ, ଜୁନାଗଡ଼ ମଣ୍ଡିରେ ଗତ ୨୦ ତାରିଖରୁ ଧାନ ବିକ୍ରି ପାଇଁ ରଖାଯାଇଥିଲେ ମଧ୍ୟ ପ୍ରାୟ ୨୫ ଦିନ ହେଲା ଧାନ ଉଠାଣ ହୋଇନାହିଁ । ନିଯୁକ୍ତ ମିଲର୍ସ ଓ ଏଜେଣ୍ଟ ଧାନ ଉଠାଇବାକୁ ଆସୁ ନ ଥିବାବେଳେ ୪୦୦ରୁ ଅଧିକ ଚାଷୀଙ୍କ ଧାନ ଖୋଲା ଆକାଶତଳେ ପଡ଼ି ନଷ୍ଟହେବା ଆଶଙ୍କା ଦେଖାଦେଇଛି । ଚାଷୀମାନେ କହିଛନ୍ତି, ଟୋକନ ରଖିଥିବା ଅନେକ ଚାଷୀଙ୍କ ସମୟସୀମା ଶେଷ ହେବାକୁ ଯାଉଛି । ବିଶେଷକରି ୧୮ ତାରିଖର ଟୋକନଧାରୀ ଚାଷୀଙ୍କ ଟୋକନ ଲାପ୍ସ ହେବା ଆଶଙ୍କା ରହିଛି । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, 'ଚାଷୀର ଝାଳବୁହା ଧାନ ମଣ୍ଡିରେ ପଡ଼ି ସଢୁଛି । ପ୍ରଶାସନ ଓ ସରକାରଙ୍କ ଅବହେଳା ଯୋଗୁଁ ଚାଷୀ ଆଜି ରାଜରାସ୍ତାକୁ ଓହ୍ଲାଇଛି । ତୁରନ୍ତ ଧାନ ଉଠାଣ ନହେଲେ ଆନ୍ଦୋଳନ ତୀବ୍ର ହେବ ।

### ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ କେବଳ ଏକ ଔପଚାରିକତା

# ସାବାଡ଼ ହେଉନାହାନ୍ତି ଅମାନିଆ ଗାଡ଼ି ଚାଳକ

**ଭବାନୀପାଟଣା, ୧୫ ।୬(ସମିସ)**

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରତିଥର ଜିଲ୍ଲା ସଡ଼କ ସୁରକ୍ଷା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥାଏ । ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟପକ୍ଷ ମଧ୍ୟ ସମସ୍ତ ବିଭାଗର ମିଳିତ ଉଦ୍ୟମରେ ପାଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଉଛି । ବିନା ହେଲମେଟରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଲାଇବା, ଦ୍ରୁତ ଗତିରେ ଗାଡ଼ି ଚଳାଇବା ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥିର କରାଯାଉଛି । କିନ୍ତୁ ସବୁ ଯେମିତି ବୃଥା ପାଲଟିଛି । ସଡ଼କ ଦୁର୍ଘଟଣା ହାର କ୍ରମଶଃ ବୃଦ୍ଧି ପାଉଛି । ପୂର୍ବବର୍ଷ ଗୁଡିକରେ ଗୋଟିଏ ବର୍ଷରେ ୧୫୦ରୁ ୧୭୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗତ



୨୦୨୫ ବର୍ଷ ଶେଷସୁଦ୍ଧା ୨୧୮ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଏବଂ ଦ୍ରୁତଗତିରେ ବାଇକ୍ ଓ ଚାରି ଚକିଆଯାନ ଚଳାଇବା ଦୁର୍ଘଟଣାର ପ୍ରମୁଖ କାରଣବୋଲି କୁହାଯାଉଛି । ଅମାନିଆ ଓ ବେପରୁଆ ଗାଡ଼ି ଚାଳନାକୁ କେନ୍ଦ୍ରକରି ବାରମ୍ବାର ବୈଠକ ବସୁଛି, ଆଲୋଚନା ହେଉଛି କିନ୍ତୁ ମୂଲ୍ୟହୀନ ହୋଇପଡୁଛି । ପ୍ରତି ବୈଠକରେ ରାସ୍ତାରେ ଥିବା ବ୍ଲାକସ୍ପଟ୍ ଅଞ୍ଚଳର ସମସ୍ୟା ପୂର୍ତ୍ତବିଭାଗ ଓ ଜାତୀୟ ରାଜପଥ ବିଭାଗ ସବୁ ଶୁଣୁଛନ୍ତି, ମତ ରଖୁଛନ୍ତି, ହେଲେ କାର୍ଯ୍ୟାନୁଷ୍ଠାନ ଶୂନ । ଗତ ଦୁଇଦିନ ମଧ୍ୟରେ ୩ଜଣଙ୍କ ଜୀବନ ଦୁର୍ଘଟଣାରେ ଚାଲିଯାଇଛି । ଚା ଦୋକାନ ଭଳି ଭବାନୀପାଟଣା ସହର ଏବଂ ସହରତଳି ଅଞ୍ଚଳ ଏପରିକି ସମସ୍ତ ବ୍ଲକ ଗୁଡିକରେ ପ୍ରଚୁରମଦ ବିକ୍ରି ଜନସାଧାରଣଙ୍କୁ

**ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ହେଉଛନ୍ତି ଦୁର୍ଘଟଣାର ଶିକାର**

ଚିନ୍ତାରେ ପକାଇଛି । ମଦୁଆଙ୍କୁ ସାବାଡ କରିବା ପାଇଁ ଯେତେ ପ୍ରକାର ନୀତି ନିୟମ ପରିବହନ ବିଭାଗ ଆପଣାଉଛି ତାହା କାମରେ ଆସୁନି । ଜିଲ୍ଲା ପ୍ରଶାସନ ଏ ଦିଗରେ ଅଧିକ ଉଦ୍‌ବେଗ ପ୍ରକାଶ କରି ଦୃଢ଼ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

### ଖୁଦପେଜ ମଣ୍ଡିରେ ମିଲର୍ସଙ୍କ ରାଜୁତି

# କୁଇଣ୍ଟାଲ ପିଛା ୧୦ କେଜି କଟାଯାଉଥିବା ଅଭିଯୋଗ

**ଖଡ଼ିଆଳ, ୧୫ ।୬ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖୁଦପେଜ ଧାନମଣ୍ଡିରେ ମିଲର୍ସଙ୍କ ମନମୁଖୀ କାର୍ଯ୍ୟଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି । ମଣ୍ଡିରେ ଧାନ ଠିକ୍ ସମୟରେ ପଡ଼ିବା ପରେ ମଧ୍ୟ ଧାନ ଉଠା ନ ହେବା ଏବଂ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି ପର୍ଯ୍ୟନ୍ତ ଅଧିକ କଟା କରାଯାଉଥିବା ନେଇ ଚାଷୀମାନେ ଅଭିଯୋଗ ଆଣିଛନ୍ତି ।

ସୂଚନା ଅନୁଯାୟୀ, ଖୁଦପେଜ ଧାନ ମଣ୍ଡି ମେ' ୨୫ ତାରିଖରେ ଖୋଲିଥିଲା । ୨୫ ଓ ୨୬ ତାରିଖ ପର୍ଯ୍ୟନ୍ତ ଧାନ ଉଠା ଚାଲିଛି । ହେଲେ ୨୮ ତାରିଖର ଧାନ ଆଦୌ ଉଠା ହୋଇନାହିଁ । ଏହାରି ଭିତରେ ୫ ଦିନ ବିଳମ୍ବ ପରେ ଆଜି ମାତ୍ର ଗୋଟିଏ ଟ୍ରକ୍ ମଣ୍ଡିକୁ ଆସିଛି । ଚାଷୀମାନଙ୍କ କହିବା ଅନୁସାରେ, ମଣ୍ଡି କର୍ତ୍ତୃପକ୍ଷ ପ୍ରଥମେ ୨୮ ତାରିଖ ପର୍ଯ୍ୟନ୍ତ ଧାନ ମଣ୍ଡିରେ ନ ରଖିବାକୁ କହିଥିଲେ । ହେଲେ ୨୯ ତାରିଖର ଧାନ ମଧ୍ୟ ମଣ୍ଡିରେ ରଖା ଯାଇଛି । ମଣ୍ଡିରେ ସ୍ଥାନ ଅଭାବ ଥିବାରୁ ୨୮ ତାରିଖର ଧାନ ଆଣିଥିବା ଚାଷୀମାନେ ମଣ୍ଡିରେ ରଖିପାରି ନାହାନ୍ତି । ବାଧ୍ୟ ହୋଇ ସେମାନେ ଏବେ ମଧ୍ୟ ନିଜ ଧାନ ଘରେ ରଖିଛନ୍ତି । ଚାଷୀମାନେ କହିଛନ୍ତି ଯେ କୁଇଣ୍ଟାଲ ପିଛା ୫, ରୁ ଆରମ୍ଭ କରି ୧୦ କେଜି ପର୍ଯ୍ୟନ୍ତ ଧାନ କାଟୁଛନ୍ତି ବୋଲି ଖୁଦପେଜ ଗ୍ରାମର ଚାଷୀ ଅଜୟପଣ୍ଡା ଅଭିଯୋଗ କରିଛନ୍ତି । ସମୟରେ ଧାନ ଉଠୁ ନାହିଁ, ଉପରୁ ଓଜନରେ କଟା ହେଉଛି । ଆମେ କାହା ପାଖକୁ ଯିବୁ ବୋଲି ଚାଷୀ ବିଶ୍ୱ ବିଜୟ ସିଂ ବାରିକ କ୍ଷୋଭ ପ୍ରକାଶ କରିଛନ୍ତି । ଏଦିଗରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ମିଲର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛନ୍ତି । ସମସ୍ୟା ଦୂର ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି ।

### ରାସ୍ତା ଉପରକୁ ମାଡ଼ି ଆସିଛି ସୁରକ୍ଷା ବାଡ଼ା

# ଆମପାଣି ଘାଟିରେ ମୃତ୍ୟୁର ଫାଶ

**କୋକସରା, ୧୫ ।୬(ସମିସ):** କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ କୋକସରା ବ୍ଲକର ପ୍ରସିଦ୍ଧ ଆମପାଣି ଘାଟି ଏବେ ପାଲଟିଛି ସାଧାରଣ ଯାତ୍ରୀଙ୍କ ପାଇଁ ମୃତ୍ୟୁର



ସୁଡ଼ଙ୍ଗ । ଜାତୀୟ ରାଜପଥ ବିଭାଗର ଚରମ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଏହି ବ୍ୟସ୍ତବହୁଳ ଘାଟି ରାସ୍ତାରେ ପ୍ରତି ମୂହୁର୍ତ୍ତରେ ଜଗି ରହିଛି ଅକାଳ ମୃତ୍ୟୁ । ଯାତ୍ରୀଙ୍କ ସୁରକ୍ଷା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ଲୁହାର 'ସେଫ୍ଟି ବେରିକେଡ୍' ଗୁଡ଼ିକ ଏବେ ରକ୍ଷକ ବଦଳରେ ଭକ୍ଷକ ସାଜିଛି । ସୂଚନା ଯେ' ଘାଟିର ଏକାଧିକ ସ୍ଥାନରେ ସୁରକ୍ଷା ବେରିକେଡ୍ ଗୁଡ଼ିକ ଭାଙ୍ଗିଯାଇ ବିପଜ୍ଜନକ ଭାବେ ମୁଖ୍ୟ ରାସ୍ତା ଆଡ଼କୁ ଓହଳି ରହିଥିବା ଦେଖିବାକୁ ମିଳୁଛି । ଏହି ୨୬ ନମ୍ବର ଜାତୀୟ ରାଜପଥ ଦେଇ ଦିନରାତି ହଜାର ହଜାର ଛୋଟବଡ଼ ଯାନବାହନ, ବସ୍ ଓ ଭାରୀ ଜେସିବି/ଟ୍ରକ୍ ଚଳାଚଳ କରିଥାଏ । ବିଶେଷ କରି ରାତି ସମୟରେ କିମ୍ବା ବାଦଲପାଗ ଥିବାବେଳେ ବାହାର ଅଞ୍ଚଳର ଚାଳକମାନେ ଏହି ଓହଳି ରହିଥିବା ଲୁହା ବେରିକେଡକୁ ଦେଖି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ଆମପାଣି ଘାଟି ରାସ୍ତାରେ ପ୍ରତିଦିନ କୌଣସି ନା କୌଣସି ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ଏହା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜି ବସିଛନ୍ତି । ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଜାତୀୟ ରାଜପଥ ବିଭାଗର ଏଭଳି ଉଦାସୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଭଙ୍ଗା ବେରିକେଡ୍ ଗୁଡ଼ିକୁ ତୁରନ୍ତ ମରାମତି କରା ନଗଲେ ଆଗକୁ କୌଣସି ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଏନେଇ ଜୟପୁର ଜାତୀୟ ରାଜପଥ ବିଭାଗର ପ୍ରତିକ୍ରିୟା ନେବାପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନହେବାରୁ କୌଣସି ମତାମତ ମିଳିପାରି ନାହିଁ ।

### ମେଡିକାଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭବାନୀପାଟଣା, ୧୫ ।୬(ସମିସ):** ଭବାନୀପାଟଣା ସଦରଥାନା ଅଧୀନ ଉଦେପୁର ଗ୍ରାମର କେନାଲ ନିକଟରେ ଥିବା ଏକ ଗଛରୁ ସୋମବାର ଜଣେ ମେଡିକାଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି । ମୃତବ୍ୟକ୍ତି ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋମାଝୀ ମେଡିକାଲ କଲେଜର କର୍ମଚାରୀ ଶଶାଙ୍କ ଶେଖର ହୋତା (୨୬) ବୋଲି ଜଣାପଡ଼ିଛି । ତାଙ୍କ ନିଜ ଘର ଗଞ୍ଜାମ ଜିଲ୍ଲା ବୋଲି ସୂଚନା ମିଳିଛି । ପୁଲିସ ମୃତ ଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନେଇଥିବାବେଳେ ଘଟଣାସ୍ଥଳରୁ ଏକ ବାଇକ ମଧ୍ୟ ଜବତ ହୋଇଛି । ଏ ନେଇ ଭବାନୀପାଟଣା ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

### କ୍ୟାବିନ ଭିତରେ ଚାପିହୋଇ ଡ୍ରାଇଭର ମୃତ

**ଲାଞ୍ଜିଗଡ଼, ୧୫ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଓ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅଧୀନ ଢେପଗୁଡ଼ା ଘାଟିରେ ରବିବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଗାଡ଼ିର ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ଟ୍ୟାଙ୍କର ଓଲଟି ପଡ଼ିବାରୁ ଚାଳକ କେବିନ ଭିତରେ ଚାପି ହୋଇ ରହିଯାଇଥିଲେ । ଦୁର୍ଘଟଣା ଖବର ପାଇ ରବିବାର ରାତିରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବରଙ୍କ ନେତୃତ୍ୱରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ । ସୋମବାର ସକାଳେ ଭବାନୀପାଟଣା ଅଗ୍ନିଶମ ବିଭାଗ ସହ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ୨୧ଘଣ୍ଟା ଧରି ସଂଘର୍ଷ ପରେ ଅଗ୍ନିଶମ ବିଭାଗ ଦ୍ୱାରା ଶବ ଉଦ୍ଧାର କରି ପୁଲିସଙ୍କୁ ହସ୍ତାନ୍ତର କରିଥିଲେ । ଏନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ପୁଲିସ ଶବ ଜବତକରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥବା ସୂଚନା ମିଳିଛି ।

### ଗାଡ଼ି ଧକ୍କାରେ ଚାଲିଗଲା ଭାଲୁର ଜୀବନ



**କୋକସରା, ୧୫ ।୬(ସମିସ):** ବିଜୁ ଏକ୍ସପ୍ରେସୱେରେ ପୁଣି ଏକ ବନ୍ୟଜନ୍ତୁ ଜୀବନହାନିର ଘଟଣା ସାମ୍ନାକୁ ଆସିଛି । କୋକସରା ବ୍ଲକ ସାନପୋଡ଼ାଗୁଡା, ରାଜୀବକଲୋନୀ ମଧ୍ୟଭାଗରେ ଗତ ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବାଫଳରେ ଏକ ଭାଲୁର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ସୋମବାର ସକାଳୁ ସ୍ଥାନୀୟ ଲୋକେ ବିଜୁ ଏକ୍ସପ୍ରେସୱେ କଡ଼ରେ ଏକ ଭାଲୁର ରକ୍ତାକ୍ତ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ । ଦୁର୍ଘଟଣା ଯୋଗୁଁ ଘଟଣାସ୍ଥଳରେ ହିଁ ଭାଲୁର ମୃତ୍ୟୁ ହୋଇଥିଲା କୁହାଯାଇଛି । ବେହେରା ସେକ୍ସନ ବନପାଳ ରାଜେନ୍ଦ୍ର ନାଏକ ଓ ବନ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହକୁ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି । ବନବିଭାଗ ସୂଚନା ଅନୁଯାୟୀ, ମୃତ ଭାଲୁର ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ପଠାଯାଇଛି । ବିଜୁ ଏକ୍ସପ୍ରେସୱେରେ ଗାଡ଼ି ଗୁଡ଼ିକର ବେପରୁଆ ଗତି ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କୌଣସି 'ୱାଇଲ୍ଡଲାଇଫ୍ କରିଡର' କିମ୍ବା ସଙ୍କେତ ବୋର୍ଡ ନଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଛି ।

### ଗଛକୁ ଧକ୍କା ଦେଲା ବାଇକ୍; ଜଣେ ମୃତ, ୧ ଗୁରୁତର

**ଖଡ଼ିଆଳ, ୧୫ ।୬ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ ମାକର ବିରଲୀ ଗ୍ରାମଠାରେ ବାଇକ୍ ଭାରସାମ୍ୟ ହରାଇ ଗଛକୁ ପିଟିହେବାରୁ ବୋଡେନ ଗ୍ରାମର ଧରମ ମାଝୀ (୩୫)ଙ୍କ ମୃତ୍ୟୁ ଘଟିଛି । ଏମାନେ ଦୁଇଭାଇ ବୋଲି ଜଣାପଡ଼ିଛି । ଖାଲିଆ ମୁଡାରୁ ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ବୋଡେନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ବୋଡେନ ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ ପ୍ରକାଶ କରିଛନ୍ତି ।

### ଗଛରେ ପିଟିହେଲା ଅଟୋ; ୨ ଗୁରୁତର

**ଖଡ଼ିଆଳ, ୧୫ ।୬ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ କେଶରାଜପୁର ଗ୍ରାମରେ ଗଛକୁ ଧକ୍କା ଦେଲା ମିକ୍ସଚର ବୋଝେଇ ଅଟୋ । ଏଥିରେ ଦୁଇ ବ୍ୟବସାୟୀ ଗଜେନ୍ଦ୍ର ମେହେର (୩୫) ଓ ଲୋକନାଥ ମେହେର (୨୪) ଗୁରୁତର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ବୋଡେନ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ବୋଡେନ ଗୋଷ୍ଠୀ ଚିକିତ୍ସାଳୟ ନେଇଥିଲେ । ଏଠାରେ ପ୍ରାଥମିକ ଚିକିତ୍ସା ପରେ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

### ଆଦିବାସୀ ଅଞ୍ଚଳରେ ରଜ ଉତ୍ସବ

# ଜିଲ୍ଲା କଳା ସଂସ୍କୃତି ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ଥୁଆମୂଳ ରାମପୁର, ୧୫ ।୬(ସମିସ):** ଓଡ଼ିଶାର ଗଣପର୍ବ ରଜ କେବଳ ଉପକୂଳ କିମ୍ବା ସହରାଞ୍ଚଳରେ ସୀମିତ ନ ରହି ଏବେ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ପାହାଡ଼ିଆ ଓ ଦୁର୍ଗମ ଗ୍ରାମରେ ଚଳିତବର୍ଷ ରଜପର୍ବ ଧୁମଧାମ ଓ ଉତ୍ସାହର ସହ ପାଳନ କରାଯାଉଛି । ପହିଲି ରଜ ଅବସରରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିବା ବେଳେ ଗାଁ ଗାଁରେ ଦୋଳି, ଗୀତ, ନୃତ୍ୟ ଓ ସାମୂହିକ ଆନନ୍ଦର ପରିବେଶ ଦେଖିବାକୁ ମିଳିଛି । ପହିଲି ରଜ ଅବସରରେ ବ୍ଲକର ବିଭିନ୍ନ ସ୍ଥାନରେ ଦୋଳି ବନ୍ଧାଯାଇଥିବା ବେଳେ ଯୁବତୀ ଓ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ରଜର ଆନନ୍ଦ ଉପଭୋଗ କରିଥିଲେ । ରଜ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୋଳି ଝୁଲିଥିଲେ । ଏଥିସହିତ ରାଜ୍ୟସ୍ତରୀୟ କଳାକ୍ଷେତ୍ର ଓଡ଼ିଶା ପକ୍ଷରୁ ଜିଲ୍ଲା ସଂଯୋଜକ କରୁଣାକର ଦାସ, ଜିଲ୍ଲା ମୁଖ୍ୟ ଉପଦେଷ୍ଟା ଡ. ଅଜୟ ମିଶ୍ର, ଜିଲ୍ଲା ସହ ସଂଯୋଜକ ଅଜିତ କୁମାର ଦୁର୍ଗା, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ । ତାଙ୍କର ଏହି ଅଂଶଗ୍ରହଣ ଉପସ୍ଥିତ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା ।

# ମରଣଯନ୍ତା ପାଲଟିଛି କେସିଙ୍ଗା -ଟିଟଲାଗଡ଼ ରାସ୍ତା

**କେସିଙ୍ଗା, ୧୫ ।୬(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଜଗନ୍ନାଥ ମନ୍ଦିର ଛକହୋଇ ବଲାଙ୍ଗିର ଜିଲ୍ଲାର ଟିଟଲାଗଡ଼କୁ ସଂଯୋଗ କରୁଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି । ଉକ୍ତ ରାସ୍ତା ଟିପିଡବ୍ଲ୍ୟୁଡି ଅଧୀନରେ ଥିବା ବେଳେ ବିଭାଗୀୟ ଅଧିକାରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ଆଉ କେଇଟା ଦିନ ପରେ ବର୍ଷା ଆରମ୍ଭ ହୋଇଯିବ, ଯଥାଶୀଘ୍ର ମରାମତି ନ କଲେ ଗାଡ଼ିମୋଟର ଚଳାଚଳରେ ଅନେକ ବ୍ୟାଘାତ ସୃଷ୍ଟି ହେବ । ଉକ୍ତ ରାସ୍ତାଟି ମୁଖ୍ୟତଃ କେସିଙ୍ଗା ଓମନଗର ପଡ଼ାଠାରୁ ତେଲନଦୀ ବ୍ରିଜ୍ ପର୍ଯ୍ୟନ୍ତ ପ୍ରାୟ ଏକରୁ ଦେଢ଼ କିଲୋମିଟର ରାସ୍ତା ଅବସ୍ଥା ନ କହିବା ଭଲ । ତୁରକେଲ ବ୍ରିଜରେ ଗାଡ଼ିମୋଟର ଚଳାଚଳ ବନ୍ଦ ହେବା କାରଣରୁ ରାୟପୁରକୁ ଯିବାକୁ ଥିବା ଅନେକ ଭାରୀଯାନ ଉକ୍ତ ରାସ୍ତା ହୋଇଯିବା ଆସିବା କରୁଥିବାରୁ ରାସ୍ତା ଖରାପ ହେଉଛି । ଯଥା ଶୀଘ୍ର ଓମନଗର ପଡ଼ାରୁ ତେଲ ନଦୀ ବ୍ରିଜ ପର୍ଯ୍ୟନ୍ତ ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।



### ଲାଞ୍ଜିଗଡ଼ ସହରରେ ଜଳସଙ୍କଟ; ଲୋକେ ହନ୍ତସନ୍ତ

# ବିଡିଓଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ

**ଲାଞ୍ଜିଗଡ଼, ୧୫ ।୬(ସମିସ)**

ଲାଞ୍ଜିଗଡ଼ ସହରରେ ପୁଣି ଦେଖାଦେଇଛି ଜଳ ସଙ୍କଟ । ଗ୍ରୀଷ୍ମପ୍ରବାହ ଯୋଗୁଁ ଆବଶ୍ୟକ ଅନୁସାରେ ପାଣି ପାଉ ନ ଥିବାରୁ ଲାଞ୍ଜିଗଡ଼ର ବିଭିନ୍ନ ପଡ଼ାରେ ପାନୀୟଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ବସୁଧା ପ୍ରକଳ୍ପ ଆରମ୍ଭ ହୋଇ ତିନିବର୍ଷ ବିତି ଯାଇଥିଲେ ମଧ୍ୟ ଠିକାଦାର, ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । କାମଟି ମନ୍ଥର ଗତି ଓ ନିମ୍ନ ମାନର ନେଇ ଲାଞ୍ଜିଗଡ଼ ବିଡ଼ିଓଙ୍କୁ ଦାବିପତ୍ର ଦେଲେ ଲାଞ୍ଜିଗଡ଼ବାସୀ ।

ସୂଚନା ଅନୁସାରେ ଲାଞ୍ଜିଗଡ଼ ସହରରେ ବର୍ଷବର୍ଷ ଧରି ପାନୀୟଜଳ ସଙ୍କଟ ଲାଗି ରହିଥିଲା । ଜିଲ୍ଲା ତଥା ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ୨୦୧୦ ମସିହାରେ ୧ କୋଟି ୩୦ ଲକ୍ଷ ଅଟକଳ ବିନିମୟରେ ଲାଞ୍ଜିଗଡ଼ ସହରରେ ଥିବା ବିଭିନ୍ନ ପଡ଼ାକୁ ଜଳ ଯୋଗାଣ ପାଇଁ ସରକାର ପକ୍ଷରୁ ଅନୁମତି ପ୍ରଦାନ କରିଥିଲେ । ଏହାପରେ ନିକଟରେ ଥିବା ବଂଶୀଧାର ନଦୀରୁ ଜଳ ଯୋଗାଣ ପାଇଁ ଲାଞ୍ଜିଗଡ଼ ସହର ବିଭିନ୍ନ ପଡ଼ାକୁ ପାଇପ ବିଛା ଯାଇଥିଲା । ହେଲେ ମାତ୍ର ୨ରୁ ୩ ବର୍ଷ ମଧ୍ୟରେ ନିମ୍ନମାନର ପାଇପ ଓ କାମ ଯୋଗୁଁ ସେସବୁ ବାରମ୍ବାର ଫାଟି ଯିବାଫଳରେ ବିଭିନ୍ନ ସମୟରେ ମାସମାସ ଧରି ଜଳ ଯୋଗାଣରେ ବନ୍ଦ ରହୁଥିଲା । ଏହି ପାଇପ ପାଣି ଉପରେ ଲାଞ୍ଜିଗଡ଼ର୧୨ଟି ପଡ଼ାର ପ୍ରାୟ ୧୫ ଶହ ପରିବାର ନିର୍ଭର କରୁଥିବା ବେଳେ ଜଳସଙ୍କଟ ଦେଖା ଦେଇଥିଲା । ଏହାପରେ ପୁଣି ଲାଞ୍ଜିଗଡ଼ ବିଭିନ୍ନ ପଡ଼ାର ଶତାଧିକ ମହିଳା ଲାଞ୍ଜିଗଡ଼ ପଞ୍ଚାୟତ ଘେରାଉ କରିବା ସହ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୨୦୨୩ରେ ଲାଞ୍ଜିଗଡ଼ରେ ଜଳ ଯୋଗାଣ ପାଇଁ ୫ କୋଟି ୫୦ ଲକ୍ଷ ଅଟକଳ ମୂଲ୍ୟରେ ବସୁଧା ଯୋଜନାରେ ମେଗା ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ଦେଇଥିଲେ । କିନ୍ତୁ ଠିକାଦାର ୨୦୨୪ରେ କାମ ଆରମ୍ଭ କରିଥିଲେ । ୨୦୨୫ ମସିହାରେ ଲାଞ୍ଜିଗଡ଼ ବିଭିନ୍ନ ପଡ଼ାରେ ପାଣି ପାଇପ ଲାଇନ ପାଇଁ କଂକ୍ରିଟ ରାସ୍ତା ଫଟାଇ ପାଇପ ପୋତା ଯାଇଥିଲା । କିନ୍ତୁ ଗୋଟିଏ ପରେ ଗୋଟିଏ ତିନି ଚାରି ଜଣ ଠିକାଦାର ବଦଳୁ ଥିବାବେଳେ କାମଟି ମନ୍ଥର ଗତି ଓ ନିମ୍ନମାନର କାମ ଯୋଗୁଁ ବିଭିନ୍ନପଡ଼ାର ମୁଖ୍ୟ ପାଇପ ଓ ଘରକୁ ଘର ସଂଯୋଗ ହୋଇଥିବା ପାଣି ପଏଣ୍ଟ ଭାଙ୍ଗି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏନେଇ ବ୍ଲକ ପାନୀୟ ଜଳଯୋଗାଣ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ମୋହନ ଚରଣ ସିହାଳ ଓ ଯନ୍ତ୍ରୀ ଦଶମନ୍ତ ମାଝୀଙ୍କ ତଦାରଖ ହେଉ ନ ଥିବାରୁ ଠିକାଦାରଙ୍କ ମନମାନୀ ଯୋଗୁଁ କାମ ବିଳମ୍ବ ହେଉଛି ବୋଲି ଏହାକୁ ନେଇ ଲାଞ୍ଜିଗଡ଼ ନାଏବ ସରପଞ୍ଚ ହରେକୃଷ୍ଣ ତାଣ୍ଡି, ଯୁବ ସମାଜସେବୀ ପରମାନନ୍ଦ ନାଏକଙ୍କ ସମେତ ଲାଞ୍ଜିଗଡ଼ବାସୀ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।



ସକାଳ THE SAKALA



www.sakalaepaper.com

# ନବମ ଦିନରେ ଏମ୍‌ସିଏଲ ଠିକା ଶ୍ରମିକଙ୍କ ଆମରଣ ଅନଶନ

## ଯଥାଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଳକା ମହାନ୍ତିଙ୍କ ଚେତାବନୀ



ଇବଥର୍ମାଲ,୧୫ ।୬(ସମିସ): ଝାରସୁଗୁଡା ଜିଲ୍ଲା ଲଖନପୁର କୋଇଲାକ୍ଷେତ୍ର ଅଧୀନ ଲଖନପୁର ଖୋଲାମୁହଁ କୋଇଲା ଖଣି (ଆଇଏଲବିଏଲ)ରେ କାର୍ଯ୍ୟରତ ବିଭିନ୍ନ ଠିକା କମ୍ପାନୀ ଶ୍ରମିକମାନେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ କରୁଥିବା ଆମରଣ ଅନଶନ ଆଜି ନବମ ଦିନରେ ପହଞ୍ଚିଛି। ଆଜି ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଅନଶନସ୍ଥଳକୁ ଯାଇ ଶ୍ରମିକମାନଙ୍କ ଏହି ଆମରଣ ଅନଶନ ହକ୍‌ର ଲଢ଼େଇ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଏଚ୍‌ପିସି ଦରମା, ପରିଚୟ ପତ୍ର, ମେଡିକାଲ କାର୍ଡ, ଭିଟି ଟ୍ରେନିଂ, ସିଏମ୍‌ପିଏଫ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଅନେକଥର ପ୍ରତିଶ୍ରୁତି ପରେ ବି ଫଳ ମିଳିନାହିଁ। ଏମାନଙ୍କ କଥା ଏମସିଏଲ କର୍ତ୍ତୃପକ୍ଷ ଶୁଣୁନାହାନ୍ତି କି ପ୍ରଶାସନ ଶୁଣୁନାହିଁ। ସ୍ୱର୍ଗତ ବିଧାୟକ କିଶୋର କୁମାର ମହାନ୍ତି ବିଧାନସଭାରେ ତିନି ତିନିଥର ଏକଥା ଉଠେଇଥିଲେ। ତାଙ୍କରି ପ୍ରଚେଷ୍ଟାରେ ୨୦୧୯ରୁ ଶ୍ରମିକମାନେ ଏଚପିସି ଦରମା ପାଉଥିଲେ। ହେଲେ ୨୦୨୪ ପରଠୁ ବର୍ତ୍ତମାନ ଏମସିଏଲ ର ଠିକା କମ୍ପାନୀ ଗୁଡ଼ିକ ଏଚ୍‌ପିସି ଦରମା ନଦେଇ ଶ୍ରମିକମାନଙ୍କୁ ଶୋଷଣ କରୁଛନ୍ତି। ତେଣୁ ଶୀଘ୍ର ଏହି ଶ୍ରମିକ ଭାଇମାନଙ୍କ ବିରୋଧରେ ହେଉଥିବା ଅନ୍ୟାୟବନ୍ଦ ହେଉ ଏବଂ ସେମାନଙ୍କୁ ଏଚପିସି ଦରମା ପ୍ରଦାନ କରିବାସହ ସେମାନଙ୍କ ସମସ୍ତ ଦାବି ପୂରଣ କରାଯାଉ ଅନ୍ୟଥା ସେମାନଙ୍କ ହକ୍ ସେମାନଙ୍କୁ ନମିଳିଲେ ଏ ଆନ୍ଦୋଳନ ଏତିକିରେ ସିମିତି ନୁହେଁ ଏହାକୁ ଆହୁରି ତୀବ୍ରତର କରାଯିବ ବୋଲି ଶ୍ରୀମତି ମହାନ୍ତି କହିଥିଲେ। ଯେତେଦିନ ଯାଏଁ ଠିକା କମ୍ପାନୀଗୁଡିକ ଏହି ଦାବିପୂରଣ କରିବେ ନାହିଁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ କହିଛନ୍ତି। ଅଳକା ମହାନ୍ତିଙ୍କ ଉପସ୍ଥିତିରେ ଲଖନପୁର କୋଇଲା କ୍ଷେତ୍ର ସିନିୟର୍ ମ୍ୟାନେଜର ଏଚ୍‌ଆର୍ ନିରଞ୍ଜନ ପଟେଲ ଗତ ୧୧ତାରିଖ ବୈଠକ ଲେଖାକୁ ଦେଖାଇ ଶ୍ରୀମତୀ ମହାନ୍ତି ତଥା ଅନଶନକାରୀ ଶ୍ରମିକ ମାନଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ। ଶ୍ରମିକ ମାନଙ୍କ କହିବା କଥା ଯେ ଯେଉଁଠି ଜିଲ୍ଲାପାଳଙ୍କ ସ୍ୱାକ୍ଷରିତ ଚୁକ୍ତି କାମ କରୁନାହିଁ ଆମେ ଏଭଳି ଚୁକ୍ତିକୁ କିପରି ମାନିବୁ। ଆମର ଯାହା ହକ୍ ଆମକୁ ଆଣି ଆନ୍ଦୋଳନସ୍ଥଳରେ ଦେଲେ ଆମେ ମାନିବୁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ରବିବାର ପର୍ଯ୍ୟନ୍ତ ୧୫ ଜଣଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ବେଳେ ଆଜି ଆଉ ଦୁଇଜଣ ଶ୍ରମିକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଅଧରାତିରେ ଏସ୍‌ପିଙ୍କ ଚଢ଼ଉ

ଝାରସୁଗୁଡ଼ା,୧୫ ।୬(ସମିସ): ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ଏବଂ ଅପରାଧମୂଳକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଏକ ବଡ଼ ପଦକ୍ଷେପ ଦେଖିବାକୁ ମିଳିଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ନିଜେ ସକ୍ରିୟ ହୋଇ ରାତ୍ରିକାଳୀନ ଚଢ଼ଉ କରିଛନ୍ତି। ସୂଚନା ଅନୁଯାୟୀ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କୌଣସି ସରକାରୀ ଗାଡ଼ି ବଦଳରେ ସାଧାରଣ ଭାବେ ବାଇକ୍ ଧରି ଅତର୍କିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ସୋସିଆଲ ମିଡିଆରେ ଏହି ଘଟଣାର ଭିଡିଓ ଭାଇରାଲ ହେବାପରେ ସାଧାରଣରେ ଏସପିଙ୍କର ଏହି ପ୍ରୟାସକୁ ବେଶ୍ ପ୍ରଶଂସା କରାଯାଉଛି।

## ପୋଖରୀ ପାହାଚ ମରାମତି କଲେ ଗ୍ରାମବାସୀ



ଶଗଡା,୧୫ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଳାସପୁର ଗ୍ରାମର ପୋଖରୀ ପାହାଚ ଶେଷରେ ମରାମତି ହୋଇଛି। ତେବେ ଏହା କୌଣସି ସରକାରୀ ଟଙ୍କାରେ ହୋଇନି। ଲୋକେ ଏହି ମରାମତି କାମ କରିଛନ୍ତି। ଏହି ପୋଖରୀର ପାହାଚ ଭାଙ୍ଗି ଯାଇଥିବାରୁ ଲୋକେ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ବୟସ୍କ ଲୋକ ଗାଧୋଇ ଯିବା ସମୟରେ ପଡି ଗୋଡହାତ ଭାଙ୍ଗି ଯାଇଥିବା ନଜିର ରହିଛି। ଏହାର ମରାମତି କରିବା ପାଇଁ ଲୋକେ ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ। କେହି କିନ୍ତୁ ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଶେଷରେ ଗ୍ରାମର କିଛି ସଚେତନ ନାଗରିକ ବାହାରି ନିଜସ୍ୱ ପ୍ରଚେଷ୍ଟାରେ ଶ୍ରମଦାନ ଓ ଅର୍ଥ ଦାନ କରି ପାହାଚ ମରାମତି କରିଛନ୍ତି। କମ୍ବୁପାଣି ମେହେର, ଲିଙ୍ଗରାଜ ଖେତି, ବିଦ୍ୟାଧର ରଣା, ଚନ୍ଦନ ଖେତି, ଗଣ୍ଡା ରାମ ମେହେର, ଲିପୁନ ମେହେର, ଗୁପ୍ତେଶ୍ୱର ରଣା, କଷ୍ଟ ରଣା, ସୌମିତ୍ରୀ ସାହୁ, ଶିବମ ପାତ୍ର, ରବୀନ୍ଦ୍ର ଦେହୁରୀ, ଗୁପ୍ତେଶ୍ୱର ନାଏକ, ରାମଚନ୍ଦ୍ର ରଣା, ଟଙ୍କ ଖେତି, ରଞ୍ଜନ ମେହେର ଓ ବିକାଶ ରଣାଙ୍କ ସମେତ ଗ୍ରାମବାସୀ ସାହାଯ୍ୟ ଓ ସହଯୋଗ କରିଥିଲେ।

## ୫ ଜୁଆଡିଙ୍କୁ ବାନ୍ଧିଲା ବନହରପାଲି ପୁଲିସ

ଇବଥର୍ମାଲ,୧୫ ।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡାରେ ବନହରପାଲି ପୁଲିସ ଚଢ଼ଉ କରି ପାଞ୍ଚ ଜଣ ଜୁଆଡ଼ି ବାନ୍ଧିଛି। ରବିବାର ରାତିରେ ଦଳଗାଁ ପଞ୍ଚାୟତ ସେନାମାଲ ଠାରେ ଜୁଆଖେଳ ହେଉଥିବା ପୁଲିସ ଖବର ପାଇ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ନଗଦ ୭ ହଜାର୧୬୦ ଟଙ୍କା, ୫ ବାଇକ୍ ୨ ସେଟ୍ ମାସ (ପ୍ଲେଇଙ୍ଗ କାର୍ଡ) ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ତଲିବାହାଲ ଗ୍ରାମରେ ସନ୍ତୋଷ ପାଢ଼ୀ (୬୩), ସରଣ୍ଡାମାଲ ଫଟା ଗ୍ରାମର ବ୍ରିଜେଶ କୁମାର ପାଢ଼ୀ (୪୦), ପିପିଲିକାନି ଗ୍ରାମର ଦୀପକ ସାହୁ (୩୫), ଡାକେଶ୍ୱର ରଣବିଡା (୩୮)। ଏମାନେ ସମସ୍ତେ କୁମ୍ଭାରବନ୍ଧ ଫାଣ୍ଡି ବନହରପାଲି ଥାନା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣକ ଲଖନପୁର ଥାନା ବୁଢ଼ା ଗ୍ରାମର। ସମସ୍ତଙ୍କ ନାମରେ ବନହରପାଲି ଥାନାରେ ଏକ ମାମଲା ରୁଜୁ କରାଯାଇ ବିଏନ୍ ଏମ୍ ଏମ୍ -୩୫ ଅନୁସାରେ ନୋଟିସ ଦେଇ ଥାନାରୁ ଛଡ଼ା ଯାଇଥିବା ଆଇଆଇସି ବିନୋଦ କୁମାର ରାଓଙ୍କ ଠାରୁ ପ୍ରକାଶ।

## କାଳବୈଶାଖୀରେ ଉଡ଼ିଲା ଛପର; ୨ ଆହତ

ଦେବଗଡ଼,୧୫ ।୬(ସମିସ): ରିଆମାଳ ବ୍ଲକ୍ ଲୁଲଙ୍ଗ ପଞ୍ଚାୟତ ଅଧୀନ ସିମିଳିତା ଓ ସିମିଳିହତା ଗ୍ରାମରେ କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟାରେ ଜୋର୍‌ପବନ ଓ ବର୍ଷା ହେବାରୁ ହରି ମାଝୀଙ୍କ ଘରର ଛପର ଉଡ଼ି ଯାଇଥିବାବେଳେ ହରି ମାଝୀର ମୁଣ୍ଡ ଫାଟି ଯାଇଥିଲା। ସେହିପରି ତାଙ୍କ ପଡ଼ିଶାଘର ଆଦିତ୍ୟ ମୁଣ୍ଡା ହରି ମାଝୀଙ୍କ ଘରେ ସେହି ସମୟରେ ଥିବାରୁ ଆଦିତ୍ୟ ମୁଣ୍ଡରେ ଘରର ସାମଗ୍ରୀ ପଡ଼ିବାରୁ ତାଙ୍କ ମୁଣ୍ଡ ମଧ୍ୟ ଫାଟି ଯାଇଥିଲା। ଉଭୟ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ସେହିପରି ଯୁଧିଷ୍ଠିର ପ୍ରଧାନଙ୍କ ରୋଷେଇ ଘର ଓ ବାରଣ୍ଡାର ଛପର ଉଡ଼ିଯାଇଥିଲା। ସେହିପରି ଶିମିଳିହତା ଗ୍ରାମର ଜୈପାଲ ଗୋପ ଓ ଲଣ୍ଡୁ ଗୋପଙ୍କ ଘରର ଛପର ଉଡ଼ିଯାଇଥିବା ଜଣାପଡ଼ିଛି।

## ସାପ କାମୁଡାରେ ଶିଶୁକନ୍ୟା ମୃତ

ଦେବଗଡ଼,୧୫ ।୬(ସମିସ): ଦେବଗଡ଼ ଥାନାଞ୍ଚଳ ବଡ଼ଛାପଲ ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ ତିଲେଇବଣି ବ୍ଲକର ବଡଛାପଲ ନିପୁନ ଗୁମାନ ସିଂଙ୍କ ଶିଶୁ କନ୍ୟା ଶିବନ୍ୟା (୧)। ରାତିରେ ଖିଆପିଆ ସାରି ଶିବନ୍ୟା ଘର ଚଟାଣରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ସୋମବାର ସକାଳେ ସେ ଗୁରୁତର ହୋଇପଡିବାରୁ ପରିବାର ଲୋକ ତାଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବଗଡ଼ ଥାନା ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ନାବାଳକ ମୃତ, ୨ ସାଙ୍ଗ ଗୁରୁତର

ବୀରମହାରାଜପୁର,୧୫ ।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କମିରା ଗ୍ରାମରେ ବଜ୍ରାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୀରମହାରାଜପୁର ବ୍ଲକ୍ କମିରା ପଞ୍ଚାୟତ ବିକଳପୁର ଗ୍ରାମର ନେପାଳ କଅଁରଙ୍କ ସାନ ପୁଅ ନରେଶ କଅଁର(୧୫)। କମିରା ଗ୍ରାମର ବନମାଳୀ ଗୁରୁଙ୍କ ପୁଅ ଅଜୟ ଗୁରୁ (୨୪) ଓ ଅନ୍ୟଜଣେ ବିକାଶ ପ୍ରଧାନ(୧୮) ଗୁରୁତର ଅବସ୍ଥାରେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନି। ଅପରାହ୍ନରେ କମିରା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଚାଷ ଜମିରେ ଧାନ ଚାଷ ପାଇଁ ଏମାନେ ଖତ ବିଞ୍ଚୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ନରେଶ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଅନ୍ୟ ଦୁଇଜଣଙ୍କ ମଧ୍ୟ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା; ମାତ୍ର ସେମାନେ ଗୁରୁତର ଥିବାରୁ ସୋନପୁର ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ନରେଶଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ନରେଶଙ୍କ ଶବ ହସ୍ତାନ୍ତର କରାଯାଇଛି। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନାଯୋଗ୍ୟ, ଗୁରୁତର ବିକାଶଙ୍କ ମାଆ, ବାପା ନ ଥିବା ବେଳେ ସେ ତାଙ୍କ ମାମୁଁ ଘର ଗ୍ରାମର କମିରାରେ ରହୁଥିଲେ।

## ସପ୍ତାହେ ହେଲା ନଳକୂଅ ଅଚଳ

ଶଗଡା,୧୫ ।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲସାଗୋରା ପଞ୍ଚାୟତ ପରା ଗ୍ରାମରେ ଥିବା ନଳକୂଅ ସପ୍ତାହେ ହେବ ଅଚଳ ହୋଇ ପଡ଼ିଛି। ଗ୍ରାମରେ ପାଖାପାଖି ୭୦ ପରିବାରର ୨ଶହ ଲୋକ ବସବାସ କରୁଛନ୍ତି। ନଳକୂଅରୁ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଛନ୍ତି। ନଳକୂଅ ମରାମତି କରିବା ପାଇଁ ଅନେକ ଥର ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉ ନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ପାଣି ଟ୍ୟାଙ୍କରରେ ଗଞ୍ଜେଇ ଦେଖି ପୁଲିସ ଜଲକା





କଣ୍ଟାମାଳ,୧୫ ।୬(ସମିସ): ପାଣି ଟ୍ୟାଙ୍କର ଭିତରେ ଗଞ୍ଜେଇ ଚାଲାଣ କରାଯାଉଥିବା ଦେଖି କଣ୍ଟାମାଳ ପୁଲିସ ଆଶ୍ଚର୍ଯ୍ୟ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଞ୍ଚଳରୁ ଏକ ପାଣି ଟ୍ୟାଙ୍କରରେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରାଯାଉଥିବା ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ଟିକିରାପଡ଼ା ଛକରେ ଯାନବାହନ ଯାଞ୍ଚ କଡ଼ାକଡ଼ି କରିଥିଲା। ବାଲନ୍ଦାପଡ଼ା ଦିଗରୁ ତରଭା ଅଭିମୁଖେ ଏକ ଟ୍ରାକ୍ଟର ସହ ପାଣି ଟ୍ୟାଙ୍କର ଯାଉଥିବା ବେଳେ ପୁଲିସ ଅଟକାଇ ଯାଞ୍ଚ କରିଥିଲା। ଟ୍ୟାଙ୍କର ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ପୁଲିସ ଟ୍ୟାଙ୍କର ଚାଳକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କଣ୍ଟାମାଳ ଥାନା ଅଧୀନ ଠେଲକୋବେଡା ଗ୍ରାମର ସଂଜିତ ମହାନନ୍ଦ ଓରଫ ମଣ୍ଟୁ।

ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ୫ କୁଇଣ୍ଟାଲ ୧୦ କେଜି ହୋଇଥିଲା। କଣ୍ଟାମାଳ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲରେନ ରାଉତରାୟ ଏହି ସୂଚନା ଦେଇଛନ୍ତି। କଣ୍ଟାମାଳ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ଭୋଇ ଉପସ୍ଥିତ ଥିଲେ।

## କିର୍ମିରାରେ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ



ଝାରସୁଗୁଡ଼ା,୧୫ ।୬(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ରଜ ଉତ୍ସବ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି। ବିଭାଗ ଅଧିକାରୀ ସଙ୍ଗୀତା ଅଡ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବକ୍ତୃତା, ପୁଚି ଖେଳ, ନୃତ୍ୟ, ଗୀତ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସଂଯୋଜକ ଲିଲେଶ୍ୱର ସାହୁ, ପିଏମ୍‌ଏମ୍‌ଭି ଅତିରିକ୍ତ ଆଇଟି ସଞ୍ଜୟ କୁମାର ଭୋଇ, ମିଶିନଶକ୍ତି ଆଇଟି ଉମାଦତ୍ତ ଦାସ, ଏମ୍‌ଟିଏସ୍ ଶିବଭମ ପଟେଲ, ସୁପରଭାଇଜର ସନ୍ତୋଷୀନି ମହାପାତ୍ର, ପୁଷ୍ପବତୀ ଭୋଇ ଯୋଗଦେଇ ଥିଲେ। ବିଭାଗର କର୍ମଚାରୀ ଲକ୍ଷ୍ମୀ ରାନୀ ଜୟପୁରିଆ, ନିବେଦିତା ବାଗ, ଲତିକା ପଟେଲ, ମୀରା ଭୋଇ, ଆକାନ୍ତ ପଟେଲ, ସଦୀପ ପ୍ରଧାନଙ୍କ ସହ ସଞ୍ଜୟ ଦାସ ସହଯୋଗ କରିଥିଲେ। ଯୋଗେଶ ସରାଫ୍ ଧନ୍ୟବାଦ ଦେଇଥିଲେ।

## ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟକୁ ପୁସ୍ତକ ଦାନ



ବୀରମହାରାଜପୁର,୧୫ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସିୟା ପରିବାର ତରଫରୁ ଖଣ୍ଡହତାର ସ୍ୱାମୀ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ ଗ୍ରନ୍ଥାଗାରକୁ ୨୦ ଖଣ୍ଡ ବହି ପ୍ରଦାନ କରାଯାଇଛି। ସିୟା ପରିବାର ସମ୍ପାଦକ ସୁଦାମ ଗାଇଗରିଆ, ଶୁକ୍ଳମଣି ମେହେର, ସତ୍ୟରଞ୍ଜନ ମେହେର, ବାସୁଦେବ ବେହେରା, କୋଷାଧକ୍ଷ ସୋମିତ୍ରି ରଣା ଏବଂ ସୁଶାନ୍ତ ଭୋଇ ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ କରାଟେ ଶିବିର ଉଦ୍‌ଯାପିତ




ବଲାଙ୍ଗିର,୧୫ ।୬(ସମିସ): ଗାନ୍ଧୀ ଷ୍ଟାଡିୟମସ୍ଥିତ ବଲାଙ୍ଗିର କରାଟେ ସ୍କୁଲ ଦ୍ୱାରା ଆୟୋଜିତ ଗ୍ରୀଷ୍ମକାଳୀନ କରାଟେ, ଆତ୍ମ ସୁରକ୍ଷା, କିକ୍ ବକ୍ସିଂ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ମେ ୧୫ରୁ ଅନୁଷ୍ଠିତ ହୋଇଥିଲା। ଶିବିରରେ ୭୫ଜଣ ପ୍ରଶିକ୍ଷାର୍ଥୀ ଭାଗନେଇ କରାଟେ, ଆତ୍ମ ସୁରକ୍ଷା କୌଶଳ, କିକ୍ ବକ୍ସିଂ, ଯୋଗ ଓ ଲାଠି .ଳନା ତାଲିମ ନେଇଥିଲେ। ଆନନ୍ଦିତା ସାହୁ, ଲୋକେଶ ବାଗ, ଅଭିପ୍ସା ହୋତା, ଅଂଶୁମାନ ଧରୁଆ, ଜସମିନ ସାହୁ, କିକ୍ ବକ୍ସିଂ ଖେଳାଳି କିରଣ ସେଠ ପ୍ରମୁଖଙ୍କୁ ଜିଲ୍ଲା କ୍ରିଡା ଅଧିକାରୀ ପରାଶର ବାଗ ଓ କରାଟେ ସ୍କୁଲର ସଂପାଦକ ହୃଦୟ ଶବର ସମ୍ମାନିତ କରିଥିଲେ। କରାଟେ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ, ରେଖା ମନହିରା, କ୍ରିଷ୍ଣା ନାୟକ, ଆଦିତ୍ୟ ସିଂ ବାରିକ ଓ ଅନୁରାଗ ଦାସ ପରି.ଳନା କରିଥିଲେ। ରାଜେନ୍ଦ୍ର ବାଗ, ମନ ଗୋବିନ୍ଦ ମେହେର ଓ ମଧୁ ସୁଦନ ସାହୁ ସହଯୋଗ କରିଥିଲେ।

## ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ



ବୀରମହାରାଜପୁର,୧୫ ।୬(ସମିସ): ବୃଦ୍ଧାବସ୍ଥାରେ ବୟସ୍କ ବ୍ୟକ୍ତିଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଅବହେଳା ଏବଂ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁନ ୧୫ ତାରିଖରେ ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳନ କରାଯାଏ। ଏହି ଉପଲକ୍ଷେ ସୋମବାର ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ ଏହି ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାପତି ଦୟାନିଧି ହୋତାଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ ରଥ, ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଗୋପୀନାଥ ମହାକୁର ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ରାଧେଶ୍ୟାମ ପୁରୋହିତ ସ୍ୱାଗତ କରିଥିବାବେଳେ କୋଷାଧକ୍ଷ ଅକ୍ଷୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ ଚାନ୍ଦ ପାରାୟଣ କରିଥିଲେ। ନବୀନ ଦାସ, ଯୁଗଳକିଶୋର ମିଶ୍ର, ବାସୁଦେବ ରଥ ସହଯୋଗ କରିଥିଲେ। ଜମ୍ବେଶ୍ୱର ପଧାନ, ବାସୁଦେବ ପଣ୍ଡା,ସତ୍ୟ ନାରାୟଣ ନାୟକ, ବଟକୃଷ୍ଣ ପାଢ଼ୀ, ଶ୍ୟାମସୁନ୍ଦର ସେଠୀ ସହଯୋଗ କରିଥିଲେ। ଧୀରେନ୍ଦ୍ର ବାଘ, ନାରାୟଣ ପ୍ରସାଦ ନାୟକ, ଜ୍ଞାନେନ୍ଦ୍ର ତ୍ରିପାଠୀ, ନିତ୍ୟାନନ୍ଦ ତ୍ରିପାଠୀ, ନିମାଇଁ ଚରଣ ପଣ୍ଡା, ଶିବ ପ୍ରସାଦ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ମଲ୍ଲିକ, ଦିଲ୍ଲିପ ତ୍ରିପାଠୀ, ହୃଷିକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିରେ ପଡ଼ିଲା ହରିହର ଯୋର ଇକୋ ଟୁରିଜିମ ପ୍ରକଳ୍ପ



ବୀରମହାରାଜପୁର,୧୫ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ)ରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ବନ ବିଭାଗ ମଧ୍ୟମରେ ଏକ ଇକୋ ଟୁରିଜିମ ପ୍ରକଳ୍ପ ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହା କିନ୍ତୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତେବେ ଏହା କାହିଁକି ବନ୍ଦ ରହିଛି ସେ ନେଇ ବନଖଣ୍ଡ ଅଧିକାରୀଙ୍କ ପାଖରେ ମଧ୍ୟ ଠିକ୍ ଉତ୍ତର ନାହିଁ। ଗଭୀର ଜଳରାଶିରେ ପର୍ଯ୍ୟଟକଙ୍କ ନୌକା ବିହାରର ମଜା ସହ ବଣ ଭୋଜି ଓ ବୁଲାବୁଲି କରିବାକୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ଗତ ସାଧାରଣ ନିର୍ବାଚନ କିଛି ଦିନ ପୂର୍ବରୁ ଏହା ଉଦ୍‌ଘାଟିତ ହୋଇଥିଲା।। ଏହି ଇକୋ ଟୁରିଜିମ୍ ପ୍ରକଳ୍ପ ପରିଦର୍ଶନ ପାଇଁ ପ୍ରବେଶ ଶୁଳ୍କ ମଧ ୨୦୦ ଟଙ୍କା ଥିଲା। ବେଶ୍ କିଛି ମାସ ଏହା ଠିକ୍ ଚାଲିଥିଲା; ହେଲେ ଗତ ସାଧାରଣ ନିର୍ବାଚନ ପରେ ପରେ ଏହାକୁ ବନ୍ଦ କରିଦିଆଗଲା। ଏଠାକୁ ଆସୁଥିବା ପର୍ଯ୍ୟଟକ ଏବେ ନିରାଶ ହୋଇ ଫେରୁଛନ୍ତି। ଦୁଇଟି ନୌକା ନଷ୍ଟ ହେଉଛି। ରକ୍ଷଣା ବେକ୍ଷଣ ପାଇଁ କୌଣସି କର୍ମଚାରୀ ନାହାନ୍ତି। ବର୍ତ୍ତମାନ ଏହା ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ପାଣି ପଡିଛି ହରିହର ଯୋର ଇକୋ ଟୁରିଜିମ ପ୍ରକଳ୍ପ।

## ଜୀବିକା ଦେଇଛି ଗଞ୍ଜା କନ୍ଦା

ବୀରମହାରାଜପୁର,୧୫ ।୬(ସମିସ):



ସଭ୍ୟତାର ଆରମ୍ଭରୁ ନଦୀ ମଣିଷକୁ ଜୀବିକା ଯୋଗାଇ ଦେଇ ଆସିଛି। ଅନେକ ସମୟରେ ନଦୀ ନାଳରୁ ଲୋକେ ବିଭିନ୍ନ ଧାତୁ ଓ ରତ୍ନ ଆଦି ଖୋଜିଥାନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମର ଲୋକମାନେ ଏବେ ନଦୀନାଳରୁ କନ୍ଦ ମୂଳ ଖୋଳି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। କାମଧନ୍ଦା ନ ପାଇ ଚିନ୍ତାରେ ଥିବା ପରିବାର ପାଇଁ ଏବେ ଏହି ଗଞ୍ଜା କନ୍ଦା (ଘାସ ଜାତୀୟ) ରୋଜଗାର ମାଧ୍ୟମ ପାଲଟିଛି। ଦୈନିକ ୬ ଘଣ୍ଟା ପରିଶ୍ରମ କଲେ ୫ରୁ ୭ ଶହ ଟଙ୍କା ମିଳିଯାଉଛି। ଏହି ଘାସ ଜାତୀୟ ଗଛ ବିଭିନ୍ନ ନଦୀ, ନାଳ ଓ ସନ୍ତସନ୍ତିଆ ସ୍ଥାନରେ ଘଞ୍ଚ ବୁଦା ହୋଇ ବଢିଥାଏ। ଏହାକୁ ପ୍ରାୟତଃ ତୃଣଭୋଜି ପ୍ରାଣୀ ମଧ୍ୟ ଖାଇ ନ ଥାନ୍ତି। ତେବେ ଆନ୍ତର୍ଜାତିକ ବଜାରରେ ଏହି ଗଞ୍ଜା ବୁଦା କନ୍ଦାର ଚାହିଦା ରହିଛି। ଏହି କନ୍ଦାରୁ ବିଭିନ୍ନ ପ୍ରକାର ଔଷଧ ଓ ପ୍ରସାଧନ ସାମଗ୍ରୀ ତଥା ସୁବାଷିତ ଦ୍ରବ୍ୟ ଭାବେ ବ୍ୟବହାର ହେଉଥିବା ଜଣାଯାଇଛି। ଫଳରେ ଅନେକ ଆନ୍ତଃରାଜ୍ୟ ବ୍ୟବସାୟୀ ସ୍ଥାନୀୟ ଲୋକଙ୍କୁ ଟଙ୍କା ଦେଇ ଏହି କନ୍ଦା ସଂଗ୍ରହ କରିବା ପାଇଁ ନିୟୋଜିତ କରୁଛନ୍ତି। ବ୍ୟବସାୟୀ ସେମାନଙ୍କଠାରୁକେଜି ପ୍ରତି ୨୦ରୁ ୩୦ ଟଙ୍କାରେ କିଣି ୭୦ରୁ ୮୦ ଟଙ୍କା ବିକ୍ରି କରୁଛନ୍ତି। ଗରିବ ଶ୍ରେଣୀର ଲୋକଙ୍କୁ କାମଧନ୍ଦା ମିଳୁ ନ ଥିବା ବେଳେ ସେମାନେ ଏହି କନ୍ଦା ଖୋଳି ବର୍ଷର ପ୍ରାୟ ୪ ମାସର ଆହାର ଯୋଗାଡ କରିପାରୁଛନ୍ତି। ଏହି କନ୍ଦାକୁ ଖୋଳି ଭଲଭାବରେ ଧୋଇ ସଫା କରି ବିକ୍ରି କରାଯାଏ। ତେବେ ଯେଉଁଭଳି ଭାବେ ଲୋକେ ପ୍ରତିଦିନ ଏହି କନ୍ଦା ଖୋଳା ଚାଲିଛନ୍ତି ଏବଂ ଏହା ରପ୍ତାନୀ ହେଉଛି କିଛିଦିନ ପରେ ଏହି ତୃଣଜାତୀୟ ଗଛ ନିଜର ଅସ୍ତିତ୍ୱ ହରାଇବା ଥୟ ବୋଲି ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି; ଯାହାର ନକାରାତ୍ମକ ପ୍ରଭାବ ମଧ୍ୟ ପରିବେଶ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଛି ବୋଲି ମତ ପ୍ରକାଶ ପାଇଛି।

### ଔଷଧ, ପ୍ରସାଧନ ସାମଗ୍ରୀ ପାଇଁ ବ୍ୟବହାର ହେଉଛି

### ୬ଘଣ୍ଟା ପରିଶ୍ରମରେ ମିଳୁଛି ୫ରୁ ୭ ଶହ ଟଙ୍କା




